Vol.-I, Issue No-27
1-15 April 2023
online portal : odishasanket.com
Mail ID : odishasanket@gmail.com
Price : Rs. 5.00, Page -8

# ଓଡ଼ିଶା ସଙ୍କେତ
Odisha Sanket


ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରତ୍ୟାଖ୍ୟାନ କରିଥିଲେ ସୁଚିତ୍ରା ସେନ୍

RNI Regd. No. - ODIODI/2022/82445 | ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା | R.N.I. Title Code-ODIODI08118

# ବିଜେଡି ଏକ ଧନୀ ଦଳ, ଓଡ଼ିଶା ପିଲା ଅତି ଦୁର୍ବଳ !



ଓଡ଼ିଶା ଦେଶରେ ଗରିବ ରାଜ୍ୟ ଭାବେ ମାନ୍ୟତା ପାଇଥିଲେ ମଧ୍ୟ ଓଡ଼ିଶାକୁ ଶାସନ କରୁଥିବା ବିଜୁ ଜନତା ଦଳ ଏବେ ଦେଶରେ ସବୁଠାରୁ ଧନୀ ଦଳରେ ପରିଣତ ହୋଇଛି। ଯଦିଓ ନିର୍ବାଚନ କମିଶନଙ୍କୁ ଦିଆଯାଇଥିବା ତଥ୍ୟକୁ ଆଧାର କରି 'ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ଭାରତର ସବୁ ଆଞ୍ଚଳିକ ଦଳମାନଙ୍କ ଆୟ-ବ୍ୟୟ ହିସାବର ସମୀକ୍ଷା କରି ବିଜେଡି ସବୁ ଆଞ୍ଚଳିକ ଦଳମାନଙ୍କ ଭିତରେ ଦ୍ୱିତୀୟ ଧନୀ ତାଲିକାରେ ଥିବା ସୂଚନା ପ୍ରଦାନ କରିଛି।

ପ୍ରଥମରେ ଥିବା ତାମିଲନାଡୁରେ ଶାସନ କରୁଥିବା ଡିଏମକେ ପ୍ରଥମ ବୋଲି ଦର୍ଶାଯାଇଥିଲେ ମଧ୍ୟ ଯଦି ଉଭୟ ଓଡ଼ିଶା ଓ ତାମିଲନାଡୁର ଲୋକସଭା ଓ ବିଧାନସଭା ସଦସ୍ୟମାନଙ୍କ ସଂଖ୍ୟା ସହିତ ତୁଳନା କରାଯାଏ ତେବେ ବିଜେଡି ସାରା ଦେଶରେ ଆଞ୍ଚଳିକ ଦଳମାନଙ୍କ ଭିତରେ ପ୍ରଥମ ବୋଲି ବିଚାର କରାଯିବ। କାରଣ ଡିଏମକେ ୩୧୮.୭୪୫ କୋଟି ଟଙ୍କା ସହିତ ପ୍ରଥମ ହୋଇଥିବା ସମୟରେ ବିଜେଡି ୩୦୬.୨୮୮ କୋଟି ଟଙ୍କା ସହିତ ଦ୍ୱିତୀୟ ହୋଇଛି। ସମସ୍ତଙ୍କୁ ଜଣାଅଛି ଯେ ତାମିଲନାଡୁରେ ୩୯ ଜଣ ଲୋକସଭା ସଦସ୍ୟ ସହିତ ବିଧାନସଭାରେ ୨୩୪ ଜଣ ବିଧାନସଭା ସଦସ୍ୟ ଅଛନ୍ତି। ମାତ୍ର ଓଡ଼ିଶାରେ ମୋଟ ଲୋକସଭା ଆସନ ସଂଖ୍ୟା ୨୧ ଓ ବିଧାନସଭାରେ ୧୪୭ ସଦସ୍ୟ ଅଛନ୍ତି। ତେଣୁ ଏହି ତୁଳନାରେ ଦେଖିଲେ ବିଜେଡି ଧନୀ ତାଲିକାରେ ପ୍ରଥମ ଦଳ ଭାବେ ବିବେଚିତ ହେବ।

ଡିଏମକେ ଏକ ପୁରୁଣା ଆଞ୍ଚଳିକ ଦଳ ଓ ବିଭିନ୍ନ ସମୟରେ ଏହା କ୍ଷମତାରେ ରହିଛି ବା ବିରୋଧୀ ଆସନରେ ବସିଛି। କିନ୍ତୁ ବିଜେଡି ଓଡ଼ିଶାରେ ଦୀର୍ଘ ୨୩ ବର୍ଷ ହେଲା କ୍ଷମତାରେ ଅଛି। ଦେଶର ଯେଉଁ ୩୬ଟି ଆଞ୍ଚଳିକ ଦଳର ତଥ୍ୟ ଏଡିଆର୍ ପକ୍ଷରୁ ଦିଆଯାଇ ସମୀକ୍ଷା କରାଯାଇଛି, ସେଥିରୁ ଏହା ସ୍ପଷ୍ଟ ଯେ ସବୁ ରାଜନୈତିକ ଦଳମାନଙ୍କର ଆୟର ମୁଖ୍ୟ ସ୍ରୋତ ହେଉଛି ଇଲୋକ୍ଟ୍ରାଲ୍ ବଣ୍ଡ୍। ଏହି ଇଲୋକ୍ଟ୍ରାଲ୍ ବଣ୍ଡକୁ ନେଇ ଜାତୀୟ ସ୍ତରରେ ଏକ ବିବାଦ ରହିଛି ଓ ଏହି ବ୍ୟାପାର ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। କିନ୍ତୁ ଦେଖାଯାଉଛି ଅଧିକାଂଶ ରାଜନୈତିକ ଦଳମାନଙ୍କ ମୁଖ୍ୟ ଆୟର ସ୍ରୋତ ହୋଇଛି ଇଲୋକ୍ଟ୍ରାଲ୍ ବଣ୍ଡ୍। ଏହି ବଣ୍ଡ୍ ଜରିଆରେ ଦାତାମାନେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆଠାରୁ ଇଲୋକ୍ଟ୍ରାଲ୍ ବଣ୍ଡ୍ କ୍ରୟ କରି ରାଜନୈତିକ ଦଳମାନଙ୍କୁ ଚାନ୍ଦା ଆକାରରେ ଦେଉଛନ୍ତି। କିନ୍ତୁ ଏହି ଅର୍ଥ କେଉଁ କମ୍ପାନୀ କେଉଁ ଦଳକୁ ଦେଉଛି, ତାହା ଜାଣିବା ସହଜ ନୁହେଁ। ସୂଚନା ଅଧିକାର ଆଇନ୍ ଅନୁସାରେ ମିଳିଥିବା ତଥ୍ୟ ଅନୁସାରେ ୨୦୨୧ ମସିହାରେ ସମୁଦାୟ ୨୬୭୩.୦୫୨୫ କୋଟି ଟଙ୍କା ଇଲୋକ୍ଟ୍ରାଲ୍ ବଣ୍ଡ୍ ଆକାରରେ ଆଦାୟ ହୋଇଛି। ଏଥିରୁ ଜାତୀୟ ରାଜନୀତି ଦଳମାନେ ୬୭.୭୯ ପ୍ରତିଶତ ଅର୍ଥ ପାଇଥିବା ବେଳେ ୩୧.୯୧ ପ୍ରତିଶତ ଅର୍ଥ ଅର୍ଥାତ୍ ୮୫୨.୮୮ କୋଟି ଟଙ୍କା ଆଞ୍ଚଳିକ ଦଳମାନଙ୍କୁ ମିଳିଛି। ସେମାନଙ୍କ ଭିତରୁ ଡିଏମକେ, ବିଜେଡି, ଟିଆରଏସ୍, ୱାଇଏସ୍ଆର୍ କଂଗ୍ରେସ, ଜେଡିୟୁ, ଏସପି, ଆପ୍, ଶିରୋମଣୀ ଅକାଳୀ ଦଳ, ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି ଓ ଟିଡିପି ଭଳି ୧୦ଟି ଆଞ୍ଚଳିକ ଦଳ ଏହି ଅର୍ଥ ପାଇଛନ୍ତି। କିନ୍ତୁ କେଉଁ କମ୍ପାନୀ କେଉଁ ଦଳକୁ କେତେ ଚାନ୍ଦା ଦେଲା ତାହା ଜାଣିବା ଅସ୍ପଷ୍ଟ ଥିବାରୁ ରାଜନୈତିକ ଦଳମାନେ ପାଉଥିବା ଚାନ୍ଦାର ୬୫ ପ୍ରତିଶତ କେଉଁ ସୂତ୍ରରୁ ଆସିଛି ତାହା ଜାଣିବା ସମ୍ଭବ ହେଉନାହିଁ।

ଏଡିଆର୍ ପକ୍ଷରୁ ଆଞ୍ଚଳିକ ଦଳମାନଙ୍କର ଆୟବ୍ୟୟର ଯେଉଁ ତଥ୍ୟ ପ୍ରକାଶ ପାଇଛି ସେଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଶାସନ କ୍ଷମତାରେ ଥିବା ଦଳମାନଙ୍କୁ ଅଧିକ ପରିମାଣର ଚାନ୍ଦା ମିଳୁଛି। ଏହି ତଥ୍ୟ ଅନୁସାରେ କେବଳ ବିଜେଡି ହାତରେ ୩୬ଟି ଆଞ୍ଚଳିକ ଦଳର ୨୦୨୧ରେ ଦିଆଯାଇଥିବା ତଥ୍ୟ ଅନୁସାରେ ୨୫.୩୩ ପ୍ରତିଶତ ଆୟ ହସ୍ତଗତ ହୋଇଛି। ଏହାର ମୁଖ୍ୟ କାରଣ ହେଲା ଯେ ଓଡ଼ିଶାରେ ବିପୁଳ ଖଣିଜ ସଂପଦ ଥିବାରୁ ଦେଶର ପ୍ରମୁଖ ବଡ଼ବଡ଼ କମ୍ପାନୀମାନଙ୍କ ମଧ୍ୟରୁ ଯଥା, ଟାଟା, ବିର୍ଲା, ଜିନ୍ଦଲ, ଆଦାନୀ, ବେଦାନ୍ତ ପ୍ରମୁଖ ରାଜ୍ୟରେ ବିଭିନ୍ନ ଖଣି ନିଲାମ ନେଇଛନ୍ତି ଓ ଶିଳ୍ପ କାରଖାନା କରିଛନ୍ତି। ଓଡ଼ିଶାର ଶାସକ ଭାବରେ ଗତ ୨୩ ବର୍ଷ ହେଲା ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ରହିଥିବାରୁ ଏହି ଦଳକୁ ସନ୍ତୁଷ୍ଟ କରିବା ପାଇଁ ସେମାନେ ଚାନ୍ଦା ଆକାରରେ ଦେଉଥିବା ଏକ ବଡ଼ ଅଂଶ ସେହି ଦଳକୁ ଯାଉଛି। ଯଦିଓ ଏହା ବି ଜଣା ଅଛି ଯେ ରାଜନୈତିକ ଦଳମାନେ ଓ ବିଶେଷ ଭାବେ ବିଜୁ ଜନତା ଦଳ ରାଜନୈତିକ କାର୍ଯ୍ୟକଳାପ ଓ ନିର୍ବାଚନ ପାଇଁ ଯେତିକି ଅର୍ଥ ଖର୍ଚ୍ଚ କରୁଛି ବୋଲି ହିସାବ ଦେଉଛି, ବାସ୍ତବରେ ତା'ର ବହୁଗୁଣ ଅର୍ଥ ଏହା ଖର୍ଚ୍ଚ କରୁଛି।

ଏହି ତଥ୍ୟ ଅନୁସାରେ ୨୦୨୧ ମସିହାରେ ବିଜୁ ଜନତା ଦଳ ହାତରେ ୩୦୬.୨୮୮ କୋଟି ଟଙ୍କା ଆୟ ଥିବା ସମୟରେ ନିର୍ବାଚନ ପ୍ରଚାର ଓ ବିଭିନ୍ନ କାର୍ଯ୍ୟରେ ଦଳ ମାତ୍ର ୨୮.୬୩ କୋଟି ଟଙ୍କା ଖର୍ଚ୍ଚ କରିଛି। ଅବଶ୍ୟ ସେହି ବର୍ଷ ଯାହା କିଛି ଖର୍ଚ୍ଚ ହୋଇଛି, ତାହା କେବଳ ଉପ-ନିର୍ବାଚନ ଖର୍ଚ୍ଚ। ଅର୍ଥାତ୍ ବିଜୁ ଜନତା ଦଳ ହାତରେ ସେହି ବର୍ଷ ୨୬୮.୬୫୮ କୋଟି ଟଙ୍କା ବଳକା ରହିଛି। ବିଜେଡିର ପ୍ରାୟ ୯୪.୦୭ ପ୍ରତିଶତ ଅର୍ଥ ଇଲୋକ୍ଟ୍ରାଲ୍ ବଣ୍ଡ୍, ଗ୍ରାଂଟ, ଡୋନେସନ୍ ଓ କଂଟ୍ରିବ୍ୟୁସନ୍ ଜରିଆରେ ମିଳିଛି। ଟଙ୍କା ଉପରେ ବ୍ୟାଙ୍କରେ ଥିବା ସୁଧ ବାବଦରେ ଦଳ ୧୬.୧୭୬ କୋଟି ଟଙ୍କା ପାଇଛି। ଯେଉଁ ଡୋନେସନ୍ ଏପରିକି ଇଲୋକ୍ଟ୍ରାଲ୍ ବଣ୍ଡର ତଥ୍ୟ ସଂପୃକ୍ତ ସଂସ୍ଥାମାନେ ଆୟକର ଦାଖଲ ସମୟରେ ପ୍ରଦାନ କରୁଛନ୍ତି, ସେହି ତଥ୍ୟଗୁଡିକୁ ଦଳୀୟ ଖାତାରେ ଦର୍ଶାଯାଉଛି। ଏହାଛଡ଼ା ଯେଉଁସବୁ ଚାନ୍ଦା ଆଘୋଷିତ ଭାବରେ କଳାଧନ ଆକାରରେ ସଂଗୃହୀତ ହେଉଛି, ସେଗୁଡିକର ହିସାବ କେବଳ ଦଳୀୟ କର୍ତ୍ତୃପକ୍ଷଙ୍କୁ ଜଣା।

ଏହା ଓଡ଼ିଶାର ସମସ୍ତେ ଜାଣନ୍ତି ଯେ ବିଧାନସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କ ପାଇଁ ସର୍ବାଧିକ ୪୦ ଲକ୍ଷ ଟଙ୍କା ବ୍ୟୟର ସିଲିଂ ଥିବାବେଳେ ଲୋକସଭା ସଦସ୍ୟଙ୍କ ପାଇଁ ପ୍ରାର୍ଥୀ ପିଛା ୯୫ ଲକ୍ଷ ଟଙ୍କା ବ୍ୟୟର ସିଲିଂ ରହିଛି। କିନ୍ତୁ କୌଣସି ପ୍ରାର୍ଥୀ ବିଶେଷ ଭାବରେ ବିଜୁ ଜନତା ଦଳ ପ୍ରାର୍ଥୀ ଏହି ଅର୍ଥ ଭିତରେ ଖର୍ଚ୍ଚ ନକରି ତା'ର ପ୍ରାୟ ୫ ଗୁଣରୁ ଅଧିକ ଅର୍ଥ ଖର୍ଚ୍ଚ କରନ୍ତି। ଅବଶ୍ୟ ଏହାଛଡ଼ା ଗୋଟିଏ ଦଳର ନିର୍ବାଚନ ପ୍ରଚାର ପାଇଁ ଖବରକାଗଜରେ ବିଜ୍ଞାପନ ସମେତ ପ୍ରମୁଖ ନେତାମାନଙ୍କ ପ୍ରଚାର ସଭା ମଧ୍ୟ ରହିଛି। କିନ୍ତୁ ଯେତେ ଯାହା ହିସାବ କଲେ ମଧ୍ୟ ବିଜେଡି ପ୍ରାର୍ଥୀମାନଙ୍କ ପ୍ରକୃତ ନିର୍ବାଚନ ଖର୍ଚ୍ଚ ଜାଣିବା ଅସମ୍ଭବ। ରାଜନୈତିକ ସ୍ତରରେ ଦଳ ଓ ପ୍ରାର୍ଥୀମାନେ ଖର୍ଚ୍ଚ କରୁଥିବା ଅର୍ଥର ସ୍ରୋତ ଯଦି ଜଣାନପଡ଼େ, ତେବେ ଭ୍ରଷ୍ଟାଚାର ମୁକ୍ତ ପାଇଁ ଯେତେ ସ୍ଲୋଗାନ୍ ଦିଆଗଲେ ମଧ୍ୟ ତା'ର କୌଣସି ମୂଲ୍ୟ ରହିବ ନାହିଁ। ଭାରତର ଜଣେ ଆଗଧାଡ଼ିର ଶିଳ୍ପପତି କହିଛନ୍ତି ଯେ ରାଜନୈତିକ ଦଳମାନେ ବା ବ୍ୟକ୍ତି ବିଶେଷ ଯେଉଁ ଅର୍ଥ ସେମାନଙ୍କଠାରୁ ଆଦାୟ କରନ୍ତି, ତା'ର ୯୦ ଭାଗ ସେମାନେ ନିର୍ବାଚନରେ ହିଁ ବ୍ୟୟ କରନ୍ତି।

ଏଡିଆର୍ ଦେଇଥିବା ତଥ୍ୟକୁ ବିଶ୍ଳେଷଣ କଲେ ଉତ୍ତର ପ୍ରଦେଶ ଭଳି ବଡ଼ ରାଜ୍ୟରେ ଅତୀତରେ କ୍ଷମତାରେ ଥିବା ଏବଂ ଏବେ ମୁଖ୍ୟ ବିରୋଧୀ ଦଳରେ ଥିବା ସମାଜବାଦୀ ପାର୍ଟି ବିଜେଡି ପାଉଥିବା ଚାନ୍ଦାର ଏକ ପଞ୍ଚମାଂଶ ବି ପାଉନାହିଁ। ଏଥିରୁ ଏକଥା ମଧ୍ୟ ସ୍ପଷ୍ଟ ଯେ ରାଜ୍ୟରେ ଶାସନ କ୍ଷମତାରେ ରହିବା ଦଳକୁ ରାଜ୍ୟମାନଙ୍କରେ ଥିବା କମ୍ପାନୀମାନେ ଅଧିକ ପସନ୍ଦ କରୁଛନ୍ତି। ବିହାର ଭଳି ରାଜ୍ୟରେ ଅତୀତରେ କ୍ଷମତାରେ ଥିବା ଓ ଏବେ ମହାଗଠବନ୍ଧନରେ ମୁଖ୍ୟ ଅଂଶୀଦାର ଭାବେ ଥିବା ଆରଜେଡିକୁ କମ୍ପାନୀମାନଙ୍କ ଚାନ୍ଦା ଅତି କମ୍ ରହିଛି। ୨୦୨୧ ମସିହାରେ ଏହି ଦଳ ଯେଉଁ ଆୟ ହିସାବ ଦେଇଛି, ସେଥିରେ ଦଳର ଆୟ ମାତ୍ର ୧.୨୩୪ କୋଟି ଟଙ୍କା ଦର୍ଶାଯାଇଛି।

ଅସଲ କଥା ହେଉଛି, ଓଡ଼ିଶାରେ ବିଜେଡି ଏକ ଧନୀ ଦଳରେ ରହିଥିବାର ମୁଖ୍ୟ କାରଣ ହେଉଛି ଗତ ୨୩ ବର୍ଷ ଧରି ଏହା କ୍ଷମତାରେ ରହିବା ଓ ଦେଶର ମୁଖ୍ୟ ଖଣିଜ ସଂପଦ ଯୋଗୁ ସବୁ ବଡ଼ କମ୍ପାନୀ ଓଡ଼ିଶାକୁ ଆକୃଷ୍ଟ ହେବା। ଅର୍ଥାତ୍ ଖଣିଜ ସଂପଦ ହିଁ ବିଜୁ ଜନତା ଦଳର ଭାଗ୍ୟକୁ ବଦଳାଇ ଦେଇଛି। ଏହି ଦଳ ୧୯୯୭ରେ ଗଠନ ହେବା ସମୟରେ ଦଳ ପରିଚାଳନା ପାଇଁ ୨ କୋଟି ଟଙ୍କା ଯୋଗାଡ଼ କରିବା ଦଳ ପକ୍ଷେ କଷ୍ଟକର ଥିଲା। କିନ୍ତୁ ଯେଉଁ ରାଜ୍ୟର ଖଣିଜ ସଂପଦ ଯୋଗୁ ଶାସକ ବିଜେଡି ଧନୀ ଦଳରେ ପରିଣତ ହୋଇଛି ଓ ରାଜ୍ୟର ବଜେଟ୍ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାକୁ ଅତିକ୍ରମ କରିଛି, ସେହି ରାଜ୍ୟରେ ଖଣିଜ ସଂପଦ ଥିବା ଯୋଡ଼ା ବ୍ଲକର ବଳଦା ପଞ୍ଚାୟତ ଗୁଡ଼ା ସାହିରେ ଦୁଇଦିନ ଭିତରେ ଦୁଇଜଣ ଶିଶୁଙ୍କ ଅପପୁଷ୍ଟି ଜନିତ କାରଣରୁ ମୃତ୍ୟୁ ହୋଇଛି। ଏବେ ଏହି ସମ୍ବାଦ ପ୍ରକାଶ ପରେ ସରକାରଙ୍କ ପକ୍ଷରୁ ତନାଘନା ପ୍ରକାଶ ପାଇ ଯୋଡ଼ା ବ୍ଲକରେ ୩୦ ଜଣ ଶିଶୁଙ୍କୁ ଅପପୁଷ୍ଟି କାରଣରୁ ଚିକିତ୍ସା କେନ୍ଦ୍ରକୁ ପଠାଯାଇଛି।

ଆଶ୍ଚର୍ଯ୍ୟର କଥା, ଯେଉଁ ଜିଲ୍ଲାର ଖଣିଜ ସଂପଦ ପାଇଁ ରାଜ୍ୟର ରାଜସ୍ୱ ବଢୁଛି ଓ ଶାସକ ଦଳ ଧନୀ ଦଳରେ ପରିଣତ ହେଉଛି, ସେହି ଜିଲ୍ଲାରେ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ଡାକ୍ତରଖାନାରେ ସେମାନଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା ନଥିବାରୁ ସେମାନଙ୍କୁ କଟକ ପଠାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଅର୍ଥ ଅଭାବରୁ ଯେଉଁମାନେ କଟକ ଯାଇପାରୁ ନାହାନ୍ତି, ସେମାନଙ୍କର ମୃତ୍ୟୁ ହେଉଛି। ପ୍ରକାଶିତ ରିପୋର୍ଟ ଅନୁସାରେ ଯୋଡ଼ା ସହରଠାରୁ ମାତ୍ର ୪ କିଲୋମିଟରରେ ଥିବା ସର୍ଗିତଳିଆ ଆଦିବାସୀ ବସ୍ତିରେ ବହୁ ଶିଶୁ ଅପପୁଷ୍ଟିର ସମ୍ମୁଖୀନ ହେଉଛନ୍ତି। ସେହି ଜିଲ୍ଲାରେ ସବୁ ଲୋକମାନଙ୍କୁ ପୁଷ୍ଟିଜନିତ ଖାଦ୍ୟ ଯୋଗାଣ ହୋଇପାରୁ ନାହିଁ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଠିକ୍ ଭାବରେ କାମ କରିପାରୁ ନାହିଁ। ଅଥଚ ସେହି ଅଞ୍ଚଳରୁ ଆସୁଥିବା ଖଣିଜ ପଦାର୍ଥରେ ରାଜ୍ୟର ରାଜସ୍ୱ ବଢୁଛି ଓ ଶାସନ କ୍ଷମତାରେ ଥିବା ଦଳ ଧନୀ ଦଳରେ ପରିଣତ ହେଉଛି। ଏହା ଏକ ଉପହାସ ବ୍ୟତୀତ ଆଉ କ'ଣ କୁହାଯିବ ?

ରବି ଦାସ, ବରିଷ୍ଠ ସାମ୍ବାଦିକ
ମୋ-୮୦୧୮୦୯୪୪୫୫

## ବିରୋଧୀଙ୍କୁ ଏକାଠି କରିବାକୁ ପ୍ରୟାସ

# ଖଡଗେ ଓ ରାହୁଲଙ୍କୁ ଭେଟିଲେ ଶରଦ



**ନୂଆଦିଲ୍ଲୀ:** ବିଜେପି ବିରୋଧରେ ଏକାଠି ହେବାକୁ ବିରୋଧୀ କ୍ୟାମ୍ପରେ ହଲଚଲ ତୀବ୍ର ହୋଇଛି। ୨୦୨୪ ସାଧାରଣ ନିର୍ବାଚନରେ ବିଜେପିକୁ କେମିତି ଚେକ୍ ଦିଅଯାଇ ପାରିବ, ସେଥିପାଇଁ ବିରୋଧୀ ଦଳଗୁଡ଼ିକ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଦିନକ ତଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମାନ ଲକ୍ଷ୍ୟ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିଥିଲେ।

ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଏହାକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଏନସିପି ସୁପ୍ରିମୋ ଶରଦ ପାୱାର ଦିଲ୍ଲୀ ଆସି ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିଛନ୍ତି।

ଆଦାନି ପ୍ରସଙ୍ଗରେ ବିରୋଧୀଙ୍କ ଠାରୁ ଭିନ୍ନ ମତ ରଖିବା ପରେ ଶରଦ ପ୍ରଥମଥର ପାଇଁ ରାହୁଲ ଗାନ୍ଧିଙ୍କୁ ଭେଟିଛନ୍ତି। କଂଗ୍ରେସ ସମେତ ଅଧିକାଂଶ ବିରୋଧୀ ଦଳ ଆଦାନି ପ୍ରସଙ୍ଗରେ ଜେପିସି ତଦନ୍ତ ଦାବି କରୁଛନ୍ତି। ହେଲେ ଶରଦ ପାୱାର ନିକଟରେ କହିଥିଲେ ଯେ ଜେପିସି ତଦନ୍ତର କିଛି ମୂଲ୍ୟ ନାହିଁ। ଏହାକୁ ନେଇ ବିରୋଧୀ କ୍ୟାମ୍ପରେ କମ୍ପନ ଦେଖିବାକୁ ମିଳିଥିଲା। ଏସବୁ ଭିତରେ ବିଜେପି ବିରୋଧରେ ମେଳି କରିବାକୁ ଶରଦ ପାୱାର ରାହୁଲ ଗାନ୍ଧି ଓ ଖଡଗେଙ୍କୁ ଭେଟିଛନ୍ତି।

ସେ ଦୁଇ କଂଗ୍ରେସ ହେଭିୱେଟଙ୍କ ସହ ଦୀର୍ଘସମୟ ଧରି ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ହେଲେ ବୈଠକରେ କ'ଣ ସବୁ ଆଲୋଚନା ହୋଇଛି, ସେବିଷୟରେ କୌଣସି ବିସ୍ତୃତ ସୂଚନା ମିଳିନାହିଁ। ତେବେ କଂଗ୍ରେସ ଖୁବଶୀଘ୍ର ଅନ୍ୟ ବିରୋଧୀ ଦଳର ନେତାଙ୍କୁ ନେଇ ବୈଠକ କରିବ ବୋଲି ଜଣାପଡ଼ିଛି।

ନୀତୀଶ କୁମାରଙ୍କୁ ଭେଟିବା ପରେ ରାହୁଲ ଗାନ୍ଧି କହିଥିଲେ ଯେ "ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଗୋଟିଏ ଐତିହାସିକ ପଦକ୍ଷେପ ନିଆଯାଇଛି। ଏହା ଏକ ପ୍ରକ୍ରିୟା। ଦେଶ ପାଇଁ ବିରୋଧୀଙ୍କ ଆଭିମୁଖ୍ୟକୁ ଏହା ବିକଶିତ କରିବ।" ତେଣୁ ଆଗକୁ କଂଗ୍ରେସ ବଡ଼ ନିଷ୍ପତ୍ତି ନେବାର ସମ୍ଭାବନା ଥିବା କୁହାଯାଉଛି।

ନୀତୀଶ କୁମାର ରାହୁଲ ଓ କେଜ୍ରିୱାଲଙ୍କ ବ୍ୟତୀତ ସିପିଆଇ-ଏମର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କୁ ମଧ୍ୟ ଭେଟିଥିଲେ। ଏହି ଭେଟଘାଟ ପରେ ୟେଚୁରୀ କହିଥିଲେ ଯେ "ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଆରମ୍ଭ ହୋଇଥିବା ପ୍ରୟାସ ଦ୍ରୁତଗତିରେ ଚାଲିଛି। ଗୋଟିଏ ବିରୋଧୀ ମେଣ୍ଟ ଗଠନ ହେବ ଓ ରାଜ୍ୟସ୍ତରରେ ସିଟ ବୁଝାମଣା ହେବ। କେରଳରେ ଆମ ଦଳ ଓ କଂଗ୍ରେସ ଚୀରପ୍ରତିଦ୍ୱନ୍ଦ୍ୱୀ। ବିଜେପିର ସେଠାରେ କୌଣସି ପ୍ରକାରର ଚିହ୍ନ ନାହିଁ।" ତେଣୁ ଆଗକୁ ବିରୋଧୀଙ୍କ ଆଭିମୁଖ୍ୟ କ'ଣ ରହୁଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

# ମନଇଚ୍ଛା ଅରୁଣାଚଳ ପ୍ରଦେଶର ୧୧ ସ୍ଥାନର ନାଁ ବଦଳାଇଲା ଚାଇନା



ନୂଆଦିଲ୍ଲୀ: ଭାରତର ଅରୁଣାଚଳ ପ୍ରଦେଶକୁ ନିଜର ବୋଲି କହି ଆସୁଥିବା ଚାଇନା ପୁଣି ନୂଆ ଭେଳିକି ଦେଖାଇଛି। ନିଜ ଇଚ୍ଛା ଅନୁସାରେ ଚାଇନା ସରକାର ଅରୁଣାଚଳ ପ୍ରଦେଶର ୧୧ଟି ସ୍ଥାନର ନାଁ ବଦଳାଇ ଦେଇଛନ୍ତି। ଅରୁଣାଚଳ ପ୍ରଦେଶକୁ ଜାଙ୍ଗନାନ ଭାବେ ବିବେଚନା କରୁଥିବା ଚାଇନା ଏହି ଅଞ୍ଚଳଗୁଡ଼ିକୁ ଦକ୍ଷିଣ ତିବ୍ବତର ଅଂଶବିଶେଷ ଭାବେ ଗଣନା କରିଛି। ଚାଇନାର ସାମାଜିକ ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ ଜାରି ରିଲିଜ୍‌ରେ ଅରୁଣାଚଳ ପ୍ରଦେଶର ୧୧ଟି ସ୍ଥାନର ନାଁ ବଦଳାଯିବା ସମ୍ପର୍କରେ ତଥ୍ୟ ରହିଛି। ଚାଇନା କ୍ୟାବିନେଟ ଭୌଗଳିକ ନାଁ ଗୁଡ଼ିକ ଉପରେ ମୋହର ମାରିଥିବା ଏଥିରେ କୁହାଯାଇଛି। ଚାଇନିଜ, ତିବ୍ବତୀୟ ଓ ପିନୟିନ ଅନୁସାରେ ନାଁ ଗୁଡ଼ିକର ପରିବର୍ତ୍ତନ କରାଯାଇଛି। ତାଲିକା ଅନୁସାରେ ଅରୁଣାଚଳ ପ୍ରଦେଶର ୨ଟି ସ୍ଥାନ, ଦୁଇଟି ଆବାସିକ ଅଞ୍ଚଳ, ୫ଟି ପାହାଡ଼ ଓ ୨ଟି ନଦୀର ନାଁ ବଦଳା ଯାଇଛି। ଏହା ସହ ଜଡ଼ିତ ପ୍ରଶାସନିକ ଜିଲ୍ଲାର ନାଁକୁ ମଧ୍ୟ ଚାଇନା ବଦଳାଇ ଦେଇଛି।ଚାଇନା ସରକାର ତୃତୀୟ ଥର ପାଇଁ ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନର ନାଁ ବଦଳାଇଛନ୍ତି। ୨୦୧୭ରେ ଚାଇନା ୬ଟି ଓ ୨୦୨୧ରେ ୧୫ଟି ସ୍ଥାନର ନାଁ ବଦଳାଇଥିଲା। ପୂର୍ବଥର ଗୁଡ଼ିକ ଭଳି ଭାରତ ସରକାରଙ୍କ ଏପରି ମନଇଚ୍ଛା କାମକୁ ନିନ୍ଦା କରିଛନ୍ତି। ଅରୁଣାଚଳ ପ୍ରଦେଶ ସବୁବେଳେ ଭାରତର ଆଭ୍ୟନ୍ତରୀଣ ଅଂଶ ହୋଇ ରହି ଆସିଛି। ଏକତରଫା ଭାବେ ଅରୁଣାଚଳ ପ୍ରଦେଶରେ ଥିବା ବିଭିନ୍ନ ସ୍ଥାନର ନାଁ ବଦଳାଇ ଦେଲେ ତଥ୍ୟ ବଦଳି ଯିବନି ବୋଲି ଭାରତ କହିଛି।

## ନକଲି ସାର୍ଟିଫିକେଟର ଜାଲ

# ବଲାଙ୍ଗୀରରୁ ସମ୍ବଲପୁରକୁ ଲମ୍ବିଛି ଚେର




ସମ୍ବଲପୁର : ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ନକଲି ସାର୍ଟିଫିକେଟ ଘଟଣାର ଚେର ସମ୍ବଲପୁର ଜିଲାକୁ ମଧ୍ୟ ଲମ୍ବିଛି। ଏହି ନକଲି ସାର୍ଟିଫିକେଟ ମାମଲାରେ ଧରାପଡିଥିବା ୬ଟି ସାର୍ଟିଫିକେଟ ମଧ୍ୟରୁ ୩ଟି ସାର୍ଟିଫିକେଟର ବଲାଙ୍ଗୀର ଲିଙ୍କ ଥିବାର ଜଣାପଡିଛି ବୋଲି ସଦର ଏସଡିପିଓ ପ୍ରଦୀପ ସାହୁ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ମାମଲାର ତଦନ୍ତ ଚାଲିଥିବା ବେଳେ ୩ଟି ନକଲି ସାର୍ଟିଫିକେଟର ଲିଙ୍କ ବଲାଙ୍ଗୀର ସହିତ ମିଳିଥିବାରୁ ଆବଶ୍ୟକୀୟ ତଦନ୍ତ ଜାରି ରହିଛି। ନକଲି ସାର୍ଟିଫିକେଟ ଦେଇଥିବା ପ୍ରାର୍ଥୀ ମାନଙ୍କୁ ଖୁବ ଶିଘ୍ର ଧରାଯିବ। ଏଥି ସହ ଅନ୍ୟ ୩ ଜଣଙ୍କ ନକଲି ସାର୍ଟିଫିକେଟ ଗୁଡିକ ସମ୍ପର୍କରେ ମଧ୍ୟ ତଦନ୍ତ ଜାରି ରହିଛି। ଏହି ଘଟଣାରେ ଥିବା ଅଭିଯୁକ୍ତ ମାନଙ୍କୁ ଧରାଯିବା ପରେ ଆଇନ ଅନୁଯାୟୀ କାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସଡିପିଓ ପ୍ରଦୀପ ସାହୁ କହିଛନ୍ତି।

ଏ ସମ୍ପର୍କରେ ମଣ୍ଡଳ ଅଧିକ୍ଷକ ବିପିନ ନେଗୀ କହିଛନ୍ତି ଯେ, ବିଗତ ଦିନରେ ଡାକ ବିଭାଗ ପାଇଁ ବାହାରିଥିବା ପଦବୀ ପାଇଁ ଆବେଦନ କରିଥିବା ୬ ଜଣ ଆଶାୟୀଙ୍କ କାଗଜପତ୍ର ଯାଞ୍ଚ ପରେ ସେଗୁଡିକ ନକଲି ଥିବା ନେଇ ସନ୍ଦେହ ହୋଇଥିଲା। ଓଡିଆ ଓ ଇଂରାଜୀ ବିଷୟରେ ୯୫ ପ୍ରତିଶତରୁ ଅଧିକ ଲେଖାଏଁ ମାର୍କ ରଖିଥିବା ଏହି ଆଶାୟୀ ମାନଙ୍କୁ ସମ୍ବଲପୁର ଡାକ ବିଭାଗର ଅଧକ୍ଷ ଇଂରାଜୀ ଓ ଓଡିଆ ପରୀକ୍ଷା କରିଥିଲେ। ସେମାନେ ଉଭୟ ଭାଷାରେ ଅନେକ ଭୁଲ କରିଥିଲେ। ଏହା ପରେ ସେମାନଙ୍କର କାଗଜପତ୍ର ଗୁଡିକ ଆଭାଷି ମାଧ୍ୟମରେ ମଧ୍ୟ ଯାଞ୍ଚ କରିବାରୁ କୌଣସି ତଥ୍ୟ ମିଳି ନ ଥିଲା। ଉତ୍ତର ପ୍ରଦେଶରେ ହିନ୍ଦି ବୋର୍ଡରେ ପାଠ ପଢ଼ାଯାଉଥିବା ବେଳେ ଉକ୍ତ ସାର୍ଟିଫିକେଟ ଗୁଡିକରେ ଓଡିଆ ଏକ ବିଷୟ ବୋଲି ଉଲ୍ଲେଖ୍ୟ ରହିଥିବାରୁ ସନ୍ଦେହ ଜାତ ହୋଇଥିଲା। ଏଣୁ ଟାଉନ ଥାନାରେ ଅଭିଯୋଗ କରାଯାଇ ପୁଲିସକୁ ତଦନ୍ତ ପାଇଁ ଅନୁରୋଧ କରାଯାଇଛି। ଏଥି ସହ ବିଗତ ୨୦୧୮ ମସିହାରୁ ଚାକିରୀରେ ଅବସ୍ଥାପିତ ହୋଇଥିବା ବିଭିନ୍ନ ପଦପଦବୀ ଗୁଡିକର ଅଧିକାରୀ ଓ କର୍ମଚାରୀ ମାନଙ୍କର ମଧ୍ୟ ସାର୍ଟିଫିକେଟ ଯାଞ୍ଚ ହେବ ଏବଂ ଯଦି କାହାର ନକଲି ବାହାରେ ତାହା ହେଲେ ତାଙ୍କୁ ଚାକିରୀରୁ ବାହାର କରି ଦିଆଯିବ ବୋଲି ଡାକ ବିଭାଗର ଅଧିକ୍ଷକ ଶ୍ରୀ ନେଗି କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୨୭ ତାରିଖରେ ଟାଉନ ଥାନାରେ ଡାକ ବିଭାଗ ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ୭ ତାରିଖରେ ଉକ୍ତ ମାମଲା ୧୧୭/୨୦୨୩ ଅନୁଯାୟୀ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ସମ୍ବଲପୁର ଡାକ ବିଭାଗରେ ବିଭିନ୍ନ ପଦବୀ ପାଇଁ ଦେଇଥିବା ଆଶାୟୀ ମାନଙ୍କ ମଧ୍ୟରେ ଭଦ୍ରକ ଜିଲାର ସୋନାଲି ସ୍ୱାଇଁ, ଜଗତସିହପୁର ଜିଲାର ଜ୍ୟୋତିକାନ୍ତ ମହାନ୍ତି, ବରଗଡ ଜିଲାର ରୁଦ୍ରାଣୀ ପ୍ରଧାନ ଓ ଝରାଶ୍ରୀ ସାହା, କଳାହାଣ୍ଡି ଜିଲାର ରୁଦ୍ରମଣୀ ମିଶ୍ର ଓ ଦେବଗଡ ଜିଲାର ଝିଲି ସାହୁଙ୍କ ସାର୍ଟିଫିକେଟ ନକଲି ବୋଲି ସନ୍ଦେହ ସୃଷ୍ଟି ହୋଇଛି ଏବଂ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଅପରପକ୍ଷରେ ଡାକ ବିଭାଗ ପକ୍ଷରୁ ଗତ ୨୭ ତାରିଖରେ ଚିଠି କରାଯାଇ ଟାଉନ ଥାନାରେ ଅଭିଯୋଗ କରାଯାଇଛି ।

ଜୀବନ ଯେମିତି

**ମାତୃତ୍ୱ ନାରୀ ଜୀବନର ପୂର୍ଣ୍ଣତା। ନାରୀ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ୱପୂର୍ଣ୍ଣ ଦାୟିତ୍ୱବୋଧକୁ ସଠିକ୍ ଭାବେ ପାଳନ କରିବା ହେଉଛି ନାରୀର ପ୍ରଥମ କର୍ତ୍ତବ୍ୟ। ପାରିବାରିକ ଦାୟିତ୍ୱ ସହ ତାଳ ଦେଇ ଜଣେ ସ୍ନେହମୟୀ ମାଆ ହେବାର ଗୌରବ ଲାଭ କରେ। କିନ୍ତୁ ଆଜିର ଏଇ ଆଧୁନିକ ଯୁଗରେ ପ୍ରାୟ ସମସ୍ତେ ନିଜକୁ ଆତ୍ମନିର୍ଭରଶୀଳ କରିବାକୁ ଆଗେଇ ଆସୁଛନ୍ତି। ସେଥିପାଇଁ ଗୃହିଣୀଙ୍କ ତୁଳନାରେ କର୍ମଜୀବୀ ମହିଳାମାନେ ପିଲାର ଯତ୍ନ ନେବାରେ ସବୁବେଳେ ଅସୁବିଧାର ସାମ୍ନା କରନ୍ତି। କ୍ୟାରିୟର ଓ ପରିବାରକୁ ସମତୁଲ ଭାବେ ଚଳାଇବା ସହଜସାଧ ହୁଏ। ମାତ୍ର ନିଜ ଭିତରେ ଆତ୍ମବିଶ୍ୱାସ ଓ ସକାରାତ୍ମକ ପ୍ରୟାସ କରାଗଲେ ଜଣେ ଉତ୍ତମ ମା ହେବା ସଙ୍ଗେ ସଙ୍ଗେ କର୍ମନିଷ୍ଠ କର୍ମଜୀବୀ ହୋଇପାରିବେ।**



# କର୍ମଜୀବୀ ମହିଳା ଓ ମା' ହେବାର ଦାୟିତ୍ୱକୁ ସଜାଡ଼ିବାର ମନ୍ତ୍ର

**ଗ**ତ ବର୍ଷ ଭାରତୀୟ ଏକ ୱେବ୍‌ସାଇଟ୍‌ର ସର୍ଭେ ଅନୁଯାୟୀ, ଯେଉଁ ମହିଳାମାନେ ବିବାହ ପରେ କାମ ଜାରି ରଖୁଛନ୍ତି ସେମାନେ ଡ଼େ କେୟାର୍ ବା ବେବି କେୟାର୍ ଭଳି ସୁବିଧାମାନ ପାଇପାରିଛନ୍ତି। ଚାକିରିର ଆବଶ୍ୟକତା ତଥା କ୍ୟାରିୟରକୁ ଆଗକୁ ବଢ଼ିବା ପାଇଁ ମହତ୍ୱକାଂକ୍ଷା ହିଁ ଏହାର ମୂଳ କାରଣ, ଯେଉଁଥିପାଇଁ ସେମାନେ କ୍ୟାରିୟର୍ ପ୍ରତି ଆଗ୍ରହୀ ହେଉଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ କିଛି ମହିଳା ଉଭୟରେ ଭାରସାମ୍ୟ ରଖିନପାରି ପଛଘୁଞ୍ଚା ଦେବା ସହ ଅଶାନ୍ତିରେ ଦିନ କାଟୁଛନ୍ତି।

ନୋଏଡ଼ା ସ୍ଥିତ ଏକ ସଫ୍ଟୱେୟାର୍ କମ୍ପାନୀରେ ଅନୁରାଧା କାର୍ଯ୍ୟରତ। ତାଙ୍କର ଏକ ଝିଅ ହେବା ପରେ କମ୍ପାନୀ ତାଙ୍କୁ ତିନି ମାସ ପାଇଁ ଘରେ ରହି କାମ କରିବାକୁ ସୁଯୋଗ ଦେଇଥିଲା। ଅତି କମ୍‌ରେ ଏକ ବର୍ଷ ପର୍ଯ୍ୟନ୍ତ ପିଲାକୁ ସଂପୂର୍ଣ୍ଣ ଧ୍ୟାନ ଦେବା ସହ ସ୍ତନ୍ୟପାନ କରାଇବାକୁ ସେ ଚାହାଁନ୍ତି। ଘରେ ତାଙ୍କ ସହିତ ଶାଶୂ-ଶ୍ୱଶୂର ମଧ୍ୟ ଅଛନ୍ତି, ଘରର କୌଣସି ଦାୟିତ୍ୱକୁ ସେମାନେ ଭାଗ ବାଣ୍ଟି କରିନିଅନ୍ତି।

ମାତ୍ର ଅନୁରାଧାଙ୍କ ଭଳି ସବୁ ମହିଳାମାନଙ୍କ ପରିସ୍ଥିତି ସମାନ ନଥାଏ। ଘରେ ବାହାରେ ସନ୍ତୁଳନ ରଖି ଚଳିବା ଏତେ ସହଜ କଥା ନୁହେଁ। ଦିଲ୍ଲୀର ୩୦ ବର୍ଷୀୟା ମାର୍କେଟିଂ ଏକ୍‌ଜ୍ୟୁକେଟିଭ୍ ନେହାଙ୍କର ପୁଅ ହୋଇଥିବା ନେଇ ସେ ବହୁତ ଖୁସି ଥିଲେ। ତିନି ଚାରି ମାସ ପର୍ଯ୍ୟନ୍ତ ସେ ପୁଅର ଖୁବ୍ ଯତ୍ନ ନେଲେ। ଏହାପରେ ଘରେ ବେବି କେୟାର୍‌ଟେକର୍ ରଖିବା ପରେ କାର୍ଯ୍ୟରେ ଯୋଗ ଦେଇଥିଲେ। ହେଲେ ମାଆର ଅନୁପସ୍ଥିତି ହେତୁ ପିଲା ଅଧିକାଂଶ ସମୟ ଅସୁସ୍ଥ ରହିଲା। ପିଲାର ଦୁର୍ବଳ ଅବସ୍ଥାକୁ ଦେଖି ଡାକ୍ତର ଅତି କମ୍‌ରେ ଏକ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବାକୁ ପରାମର୍ଶ ଦେଲେ। ତେବେ ଏକା ସମୟରେ ଚାକିରି ଓ ପିଲା ପ୍ରତି ଧ୍ୟାନ ଦେବା ସମ୍ଭବ ନଥିଲା, ତେଣୁ ସେ ବାଧ ହୋଇ ଚାକିରି ଛାଡ଼ି ଦେଇଥିଲେ।

ଗର୍ଭାବସ୍ଥାକୁ ସବୁଠାରୁ କଠିନ ତଥା ସାବଧାନତାର ସମୟ ବୋଲି କୁହାଯାଇଥାଏ। ପ୍ରକୃତ ପରୀକ୍ଷା ପ୍ରସବ ପରେ ହିଁ ଆରମ୍ଭ ହୋଇଯାଏ, କାରଣ ମାତୃତ୍ୱକୁ ସାମ୍ନା କରିବା ଗର୍ଭାବସ୍ଥା ସମୟ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ। ଦେଖିବାକୁ ଗଲେ, ଆଜିକାଲି ଏହା ବେଶୀ କଠିନତର ହୋଇଯାଇଛି। ଏକକ ପରିବାର, ଭରସାଯୋଗ୍ୟ ସହାୟକ ନମିଳିବା ଏବଂ ଚାକିରିରେ ସଂପୃକ୍ତ ମହିଳାମାନଙ୍କ ପାଇଁ ବେଶୀ କଷ୍ଟକର ହୋଇପଡ଼ିଛି। ଯାହାକି ମାତୃତ୍ୱ-କ୍ୟାରିୟରକୁ ଏକ କାଚଘରର ଖେଳ ପରି କରିଦେଇଛି। ଅନ୍ୟପକ୍ଷେ କ୍ୟାରିୟରରୁ ବିରତ ନେବା ଅର୍ଥ ନିଜକୁ ପରିବର୍ତ୍ତନଶୀଳ ଏହି ପୃଥିବୀରେ ପାଦ ମିଳେଇ ଚାଲିବାକୁ ଅସମର୍ଥ ବୋଲି ଘୋଷଣା କରିବା।

କିନ୍ତୁ ଆପଣଙ୍କୁ ଏସବୁର ଉର୍ଦ୍ଧ୍ୱରେ ରହି ଶାନ୍ତ ଭାବେ କ୍ୟାରିୟର ଏବଂ ନିଜ ପରିବାର ପ୍ରତି ସମ୍ବେଦନଶୀଳ ହେବାକୁ ପଡ଼ିବ। ପରିସ୍ଥିତି ତଥା ପରିବେଶ ଅନୁପଯୋଗୀ ହେଲେ ମଧ୍ୟ ଏହାକୁ ସାମାନ୍ୟ ମନେକରି ସବୁପ୍ରତି ଯତ୍ନଶୀଳ ହେବା ଆବଶ୍ୟକ।

**ଉପଯୁକ୍ତ ମାର୍ଗ ଚୟନ:** ଜୀବନର କଷ୍ଟସାଧ ସମୟରେ ବି ସକାରାତ୍ମକ ଚିନ୍ତାଧାରା ଏବଂ ଉପଯୁକ୍ତ ମୁହୂର୍ତ୍ତକୁ ଅପେକ୍ଷା କରିବା ପନ୍ଥା ବିଭିନ୍ନ ସମସ୍ୟା ସମାଧାନର ବାଟ ଦେଖାଇ ଦେଇଥାଏ। ଦିନଚର୍ଯ୍ୟା ବଦଳାଇବା, ପାରିବାରିକ-ସାମାଜିକ ସଂପର୍କକୁ ସୁଧାରିବା ଏବଂ ସ୍ୱାମୀ, ବନ୍ଧୁ ବା ସଂପର୍କୀୟମାନଙ୍କୁ ସାହାଯ୍ୟ ମାଗିବା ଦ୍ୱାରା ବହୁତ ଅସୁବିଧା ଦୂର ହୋଇଥାଏ।

**ଦିନଚର୍ଯ୍ୟାରେ ପରିବର୍ତ୍ତନ:** ପ୍ରଥମ ଥର ପାଇଁ ମାତୃତ୍ୱ ଲାଭ କରିଥିବା ସ୍ତ୍ରୀମାନଙ୍କ ପକ୍ଷେ ଭରପୂର ନିଦ ନିହାତି ଆବଶ୍ୟକ ଅଟେ। ଯଦି ସେ ଚାକିରି କରିଥା'ନ୍ତି ତାହେଲେ ତ ଦିନଚର୍ଯ୍ୟା ଅଧିକ ଅବ୍ୟବସ୍ଥିତ ଦେଖାଯାଏ। ପିଲା ସହ ଶୋଇବା-ଉଠିବାର ଶୈଳୀ ସଂପୂର୍ଣ୍ଣ ବଦଳିଯାଏ। ସେଥିପାଇଁ ଡାକ୍ତରମାନଙ୍କ ମତ, ପିଲା ଅତି କମ୍‌ରେ ୧୪-୧୫ ଘଣ୍ଟା ଏବଂ ମା ୭-୮ ଘଣ୍ଟା ଶୋଇବା ଆବଶ୍ୟକ। ଏଥିପାଇଁ ପିଲାକୁ ଶୁଆଇବା ପରେ ଘରର କାମ ସବୁ ଶେଷ କରିବାକୁ ଚେଷ୍ଟା କରିବା ବୁଦ୍ଧିମତ୍ତାର ପରିଚୟ।



ଏଥିସହ ଆଗାମୀ ଦିନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରି ରଖନ୍ତୁ। ଚାକିରି କରୁଥିବା ମହିଳାମାନଙ୍କ ପାଇଁ ସକାଳ ସମୟ ସବୁଠାରୁ ଅଧିକ ବ୍ୟସ୍ତବହୁଳ ହୋଇପଡ଼େ। ସକାଳେ ପିଲା ଉଠିବାର ଦୁଇ ତିନି ଘଣ୍ଟା ପୂର୍ବରୁ ଉଠିବା ଦରକାର, ଏହି ସମୟରେ ଘରର କାମ ସବୁ ସାରିଦେବା ଭଲ।

**ବ୍ୟାୟାମ:** ପ୍ରସବ ପରେ ମହିଳାଙ୍କ ଶରୀରରେ ଜମା ହୋଇରହିଥିବା ଅତିରିକ୍ତ ଚର୍ବିକୁ ବ୍ୟାୟାମ ଦ୍ୱାରା କମାଯାଇପାରେ। ଏଥିସହ ଶରୀରରେ ଶକ୍ତିର ମାତ୍ରା ବଢ଼ିବା ସହ ଚିନ୍ତାରୁ ମୁକ୍ତି ମିଳିଥାଏ। କର୍ମଜୀବୀ ମା'ମାନଙ୍କ ପାଇଁ ସପ୍ତାହରେ ଅତି କମ୍‌ରେ ୩-୪ ଦିନ ୩୦ ମିନିଟ୍ ବ୍ୟାୟାମ କରିବା ଜରୁରୀ। ଯଦି ବାହାରକୁ ଯିବା ପାଇଁ ସମୟ ମିଳୁନି ତା'ହେଲେ ଘରେ କିଛି ବ୍ୟାୟାମ କରିନେବା ଦରକାର। ମହିଳାଙ୍କୁ ସବୁବେଳେ ଟାଇମ୍ ମ୍ୟାନେଜ୍‌ମେଣ୍ଟ କରିବାକୁ ପଡ଼ିଥାଏ। ଯେମିତିକି, ଅଳ୍ପ ଆଞ୍ଚରେ ଖାଇବା ବସାଇ ଗୋଟେ ବ୍ୟାୟାମ କରିଦେବା, ପିଲା ଟିକେ ବଡ଼ ହୋଇଗଲେ ତା'ସହ ସନ୍ଧ୍ୟାରେ ଟିକେ ସମୟ ବାହାରେ ବୁଲିବା ଉଭୟଙ୍କ ପାଇଁ ଲାଭଦାୟକ। ଏହାଛଡ଼ା କିଛି ସମୟ ଏକାନ୍ତରେ ବସିବା ସହ ଧ୍ୟାନ କରିବା ମଧ୍ୟ ଭଲ।

**ଖାଦ୍ୟପେୟ:** ଉଭୟ ମା ଓ ପିଲାକୁ ସୁସ୍ଥ ତଥା ପୋଷଣ ଖାଦ୍ୟପେୟ ମିଳିବା ଆବଶ୍ୟକ। ପ୍ରସବ ପରେ ମା'କୁ ଖାଇବା ପିଇବାରେ ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ। ଦିନରେ ୩-୪ଟି ଫଳ, ସବୁଜ ପନିପରିବା, ଗହମ ଜାତୀୟ ସମସ୍ତ ଖାଦ୍ୟପଦାର୍ଥ ମା ପାଇଁ ବେଶ୍ ଉପକାରୀ ଅଟେ। ପ୍ରସବର କିଛିଦିନ ପର୍ଯ୍ୟନ୍ତ ଫାଷ୍ଟଫୁଡ୍ ବା ତେଲ ଜାତୀୟ ଖାଦ୍ୟଠାରୁ ନିଜକୁ ଦୂରେଇ ରଖିବା ଦରକାର।

**ସ୍ତନ୍ୟପାନ କରାଇବା:** ଡ଼ାକ୍ତରଙ୍କ ମତ ଯେ, ମୁଖ୍ୟତଃ ଜନ୍ମରୁ ଛଅ ମାସ ପର୍ଯ୍ୟନ୍ତ ଶିଶୁ ପାଇଁ ମା କ୍ଷୀର ସର୍ବୋତ୍ତମ। କର୍ମଜୀବୀ ମହିଳାମାନେ ପ୍ରସବର ତିନିମାସ ପର୍ଯ୍ୟନ୍ତ ମାଟିନିଟି ଛୁଟିରେ ଥା'ନ୍ତି। ତେଣୁ ଏହି ସମୟରେ ପିଲାକୁ ଯଥାସମ୍ଭବ ସମୟ ଦେବା ଦରକାର। ଏମିତିରେ ବି ଆଜିକାଲି କେତେକ କମ୍ପାନୀ ମହିଳା କର୍ମଚାରୀଙ୍କୁ ଘରେ ରହି ଅଫିସ୍ କାମ କରିବା, ପାର୍ଟ ଟାଇମ୍ କାମ ବା ଅବୈତନିକ ଛୁଟି ମଞ୍ଜୁର କରିବା ଭଳି ସୁବିଧା ସୁଯୋଗମାନ ଦେଉଛନ୍ତି। ପିଲାର ଯତ୍ନ ପାଇଁ କିଛି ଦିନ ପର୍ଯ୍ୟନ୍ତ ଏଭଳି ସୁବିଧାକୁ ମଧ୍ୟ ପ୍ରାଥମିକତା ଦେବା ଜରୁରୀ।

**ମନୋଭାବରେ ପରିବର୍ତ୍ତନ:** ପ୍ରଥମ ଥର ପାଇଁ ପିଲାକୁ ଛାଡ଼ି କାମରେ ଯୋଗ ଦେବା ସବୁ ମା'ଙ୍କ ପାଇଁ କଷ୍ଟଦାୟକ। କେତେକ ସମୟରେ ମା ଏଥିପାଇଁ ଅପରାଧବୋଧ ମନେକରେ। ଏହି କଷ୍ଟ ବେଳକୁ ବେଳ ବଢ଼ିବା ସହ ପିଲା ଓ କ୍ୟାରିୟର ଉପରେ କୁପ୍ରଭାବ ପକାଇଥାଏ। ଏଭଳି ମନୋଭାବରୁ ବାହାରି ଆସି ଉଭୟଙ୍କୁ ଧ୍ୟାନ ଦେବା ଜରୁରୀ। ଏହି ଚିନ୍ତା ବା ଅବସାଦରୁ ମୁକ୍ତି ପାଇବା ପାଇଁ ପିଲାକୁ ନାନାବାୟା ଗୀତ ଶୁଣାଇବା, ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା କିଛି ସମୟ ବିତେଇବା, କେବେକେବେ ପାର୍କର ଯିବା ଓ ମାର୍କେଟିଂରେ ନିଜକୁ ନିୟୋଜିତ କରିବା ଆବଶ୍ୟକ ହୋଇଥାଏ।

ପରିସ୍ଥିତିକୁ ସରଳ ତଥା ସହଜ କରିବା ପାଇଁ ଉଦ୍ୟମ କରିବା ଦରକାର। ପିତାମାତାଙ୍କୁ ପାଖରେ ରଖନ୍ତୁ, ସ୍ୱାମୀଙ୍କର ସହଯୋଗ ନିଅନ୍ତୁ, ଘରେ ସାହାଯ୍ୟକାରୀ ରଖିବା, କିଛି ଚଟ୍‌ପଟି ଜଳଖିଆ ରଖିବା ଆବଶ୍ୟକ। ଡିପ୍ରେସନ୍ ଅନୁଭବ କରିବା, ଶୋଇବା-ଉଠିବା, ଖାଇବାପିଇବା ଅଥବା ବ୍ୟବହାରରେ କୌଣସି ପ୍ରକାର ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଲେ ତା'କୁ ନିଜେ ସଜାଡ଼ି ନପାରିଲେ ତୁରନ୍ତ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ। ଏଥିସହ ନିଜର ଯତ୍ନ ନେଲେ ଉଭୟ ନବଜାତ ଶିଶୁ ଏବଂ କ୍ୟାରିୟର ପ୍ରତି ଉପଯୁକ୍ତ ଭାବେ ଧ୍ୟାନ ଦେଇପାରିବେ। ଏସବୁକୁ ଉପଯୁକ୍ତ ଭାବେ ଅନୁକରଣ କଲେ ଆପଣ ବି ଜଣେ ପ୍ରେରଣାମୟୀ ମାଆର ଭୂମିକା ତୁଲାଇପାରିବେ।

ଘର କରଣା

*ଘରଣୀମାନେ ରୋଷେଇ କରିବା ସମୟରେ ତୁରନ୍ତ କାମ ସାରିବାକୁ ଚାହାଁନ୍ତି। ସାଧାରଣତଃ କଡ଼େଇରେ ତରକାରୀ କିମ୍ବା ଭଜା କରିବାବେଳେ ପିଆଜ ଗରମ ହୋଇ ଲାଲ୍ ହେବାକୁ ଟିକେ ସମୟ ଲାଗେ। ଠିକ୍ ସେମିତି ଅଦାରୁ ଚୋପା ଛଡ଼େଇବା ମଧ୍ୟ ସମୟସାପେକ୍ଷ। କିନ୍ତୁ ଯଦି ଘରଣୀମାନେ କିଛି ଛୋଟ ଛୋଟ ଟିପ୍ସକୁ ମନେରଖନ୍ତି ତାହେଲେ ନିଜେ ଜଣେ ସୁଗୃହିଣୀ ହୋଇପାରିବେ...*

## ରୋଷେଇ ଘରର ଟିପ୍ସ



୧. ପଲାଉ କିମ୍ବା ବିରିୟାନୀ ପ୍ରସ୍ତୁତ କରିବା ସମୟରେ ପିଆଜ ଭାଜିହେବା ପାଇଁ କିଛି ସମୟ ଲାଗିଯାଏ। ତେଣୁ ଆପଣ ତେଲରେ ପିଆଜକୁ ଫ୍ରାଏ କରିବା ସମୟରେ ସାମାନ୍ୟ ଚିନି ପକାଇଦିଅନ୍ତୁ। ଦେଖିବେ ପିଆଜ ଜଲ୍‌ଦି ଫ୍ରାଏ ହୋଇଯିବା ସହ କ୍ରିସ୍‌ପି ଲାଗିବ।

୨. ରୋଷେଇ ସମୟରେ ଅଦାରୁ ଚୋପା ଛଡ଼ାଇବା ପାଇଁ ଟିକେ ସମୟ ଲାଗିଯାଏ। ଅଦା ଚୋପାକୁ ଛୁରୀରେ ଛଡ଼ାଇଲେ ଅଧିକ ସମୟ ଲାଗେ। ତେଣୁ ଯଦି ଆପଣ ଏକ ଛୋଟ ଚାମଚ ସାହାଯ୍ୟରେ ଚୋପା ଛଡ଼ାଇବେ ତାହା ତୁରନ୍ତ ହୋଇଯିବ।

୩. ଯଦି ଆପଣ ଅଦା-ରସୁଣକୁ ପେଷ୍ଟ କରି ଗୋଟିଏ ବନ୍ଦ ଡବାରେ ପୁରାଇ ଫ୍ରିଜ୍‌ରେ ରଖିଦେବେ ତାହାଲେ ପ୍ରତିଦିନ ମସଲା ତିଆରି କରିବା ଚିନ୍ତା ରହିବନି। କିନ୍ତୁ କେବେ କେବେ ଫ୍ରିଜ୍‌ରେ ମଧ୍ୟ ମସଲା ନଷ୍ଟ ହୋଇଯାଏ। ତେଣୁ ଅଦା-ରସୁଣକୁ ପେଷ୍ଟ କରିସାରିବା ପରେ ଏହି ପେଷ୍ଟ୍‌ରେ ଏକ ଚାମଚ ଗରମ ତେଲ ମିଶେଇଦେବେ। ଏବେ ଏହାକୁ ଆପଣ ଫ୍ରିଜ୍‌ରେ ରଖିଲେ କିଛିଦିନ ପର୍ଯ୍ୟନ୍ତ ନଷ୍ଟ ହେବାର ସମ୍ଭାବନା ରହିବନି।



**ଏବେ ଅସହ୍ୟ ଖରାର ତାତି। ଏଥିରେ ଜଣେ ବ୍ୟକ୍ତି ଅଂଶୁଘାତ ବା ହୃଦ୍‌ଘାତରେ ପଡ଼ିବା କିଛି ଅସ୍ୱାଭାବିକ ନୁହେଁ। ତେଣୁ ନିଜକୁ ଏପରି ଖରାରେ ଠିକ୍‌ଠାକ୍ ରଖିବେ କିପରି ?**

## ଖରାରେ ବି ରୁହନ୍ତୁ ଫିଟ୍ !

● ଖରାଦିନେ ସାଧାରଣତଃ ଅତ୍ୟଧିକ ଝାଳ ବୋହିବା, ଜଳୀୟଅଂଶ କମ୍ ହୋଇଯିବା ଯୋଗୁଁ ଆମେ ଖୁବ୍ ସମୟରେ ହାଲିଆ, ଦୁର୍ବଳ ହୋଇଯାଉ। ଏହାକୁ ସମତୁଲ କରିବା ପାଇଁ ପ୍ରଚୁର ମାତ୍ରାରେ ପାଣି ପିଇବା ଆବଶ୍ୟକ। ଏଥିସହ ଲେମ୍ବୁ, କମଳା, କାକୁଡ଼ି, ତରଭୁଜ ଭଳି ଅଧିକ ମାତ୍ରାରେ ଜଳୀୟଅଂଶ ଥିବା ଖାଦ୍ୟପଦାର୍ଥ ଖାଇବା ଉଚିତ୍।

● ଟାଣ ଖରାରେ ବାହାରକୁ ନଯିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତୁ। ଅତି ଜରୁରୀ ଥିଲେ ପାଣି, ଛତା ଓ ଦରକାରୀ ଔଷଧପତ୍ର ସାଙ୍ଗରେ ନେଇ ବାହାରନ୍ତୁ। ସକାଳ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରେ ବୁଲନ୍ତୁ ନାହିଁ।

● ଖରାଦିନେ ଆପଣଙ୍କୁ ସୂତା, ହାଲ୍‌କା, ଫିକା ରଙ୍ଗର ପୋଷାକ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ମାତ୍ର କଳା ରଙ୍ଗର ପୋଷାକକୁ ବାଦ୍ ଦିଅନ୍ତୁ ଓ ମୁଣ୍ଡରେ ଟୋପି, ଆଖିରେ ଚଷମା ଲଗାଇବା ଉଚିତ୍।

● ଖରାଦିନେ ମୁଣ୍ଡବ୍ୟଥା, ଶୁଷ୍କପଣ, ହୃଦ୍‌ଘାତ, ଅଂଶୁଘାତ ଜନିତ ଦୁର୍ବଳତା ଅନୁଭୂତ ହୋଇଥାଏ। ତେଣୁ ଏହି ଦିନଗୁଡ଼ିକରେ ନିୟମିତ ଭାବେ ଖାଦ୍ୟପାନୀୟ ପ୍ରତି ଧ୍ୟାନ ଦେବା ସହ ସାମାନ୍ୟ ଅସୁସ୍ଥତା ଅନୁଭବ କଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।

● ଏହି ଦିନଗୁଡ଼ିକରେ ଜଙ୍କ୍‌ଫୁଡ୍ ତଥା ଅତ୍ୟଧିକ ତୈଳାକ୍ତ, ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ଖରାଦିନରେ ମଦ୍ୟପାନ ଶରୀର ପାଇଁ ଅଧିକ କ୍ଷତିକାରକ।

● ଅନ୍ୟ ଦିନ ଅପେକ୍ଷା ଖରାଦିନେ କିଛି ସମୟ ବାହାର କରି ବ୍ୟାୟାମ, ଯୋଗ, ଦୌଡ଼, ଖେଳକୁଦ କରିବା ଓ କିଛି ବାଟ ଚାଲିବା ଦ୍ୱାରା ଫୁର୍ତ୍ତି ଅନୁଭବ ହୁଏ। ଏହାଦ୍ୱାରା ଶାରୀରିକ ଦୁର୍ବଳତା ଓ ଥକାପଣ ହାଲୁକା ହୋଇପାରେ।

● ଶାରୀରିକ ପରିଶ୍ରମ କରୁଥିବା ଲୋକମାନେ ଦିନବେଳା କାମ ନକରିବା ଉଚିତ୍। ମୁଖ୍ୟତଃ ମଧ୍ୟାହ୍ନର ଖରାଠାରୁ ନିଜକୁ ଦୂରେଇ ରଖିବା ଆବଶ୍ୟକ।

● ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମି ସିଧାସଳଖ ଚର୍ମରେ ପଡ଼ିବା ଦ୍ୱାରା ଘିମିରି, ସନ୍‌ବର୍ଣ୍ଣ ଭଳି ଚର୍ମ ରୋଗ ହେବାର ଆଶଙ୍କା ରହିଛି। ତେଣୁ ବାହାରକୁ ଯିବାର ୧୫-୨୦ ମିନିଟ୍ ଆଗରୁ ସନ୍‌ସ୍କିନ୍ ଲୋସନ୍ ଲଗାଇଯାଆନ୍ତୁ।

ଫ୍ୟାସନ୍ ମାନିଆ

## ଷ୍ଟାଇଲିଶ୍ ହେଲ୍‌ମେଟ୍ ମାନିଆ

ଘରୁ ବାହାରିଲେ ଆଗ ଖୋଜାପଡ଼େ ହେଲ୍‌ମେଟ୍। ରାସ୍ତାଘାଟରେ ଗାଡ଼ିମଟରରେ ଯିବାଆସିବା କରିବା ପାଇଁ ହେଲ୍‌ମେଟ୍ ହେଉଛି ଆମର ସୁରକ୍ଷାକବଚ। ସୁରକ୍ଷା ନିୟମ ଦୃଷ୍ଟିରୁ ବାଇକ୍‌ରେ ଚାଳକ ଏବଂ ତାଙ୍କ ପଛରେ ବସିଥିବା ଯାତ୍ରୀ ମଧ୍ୟ ହେଲ୍‌ମେଟ୍ ପିନ୍ଧି ଯିବାଆସିବା କରିବା ଉଚିତ୍। ନିକଟରେ ଦିଲ୍ଲୀ ସରକାର ଏହି ନିୟମକୁ କଡ଼ାକଡ଼ି କରିଥିବାବେଳେ ଦିଲ୍ଲୀବାସୀ ଏହାକୁ ସ୍ୱାଗତ କରିଛନ୍ତି। ଖାଲି ଦିଲ୍ଲୀ କାହିଁକି ସବୁ ଅଞ୍ଚଳରେ ଏହି ନିୟମକୁ ଗାଡ଼ି ଚାଳକମାନେ ପାଳନ କରିବା ଉଚିତ୍। ଏଭଳି ଏକ ନିୟମ ଅଥବା ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଜିର ଯୁବତୀମାନେ ନିଜକୁ ଏକ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ। କାହିଁକିନା ଆଜିକାଲି ବଜାରରେ ଯୁବତୀମାନଙ୍କ ପାଇଁ ବିଭିନ୍ନ ଡିଜାଇନ୍‌ର କଲର୍‌ଫୁଲ୍ ହେଲ୍‌ମେଟ୍ ମିଳୁଛି। ତେଣୁ ଆପଣ ଗୋଲାପୀ, ନୀଳ, ହଳଦିଆ, କମଳା, ସବୁଜ ଭଳି କେତେକ ସୁନ୍ଦର ସୁନ୍ଦର ରଙ୍ଗରେ ବଟର୍‌ଫ୍ଲାଏ, ଆନିମଲ୍ କିମ୍ବା ଫ୍ଲୋରାଲ୍ ପ୍ରିଣ୍ଟ୍ ଥିବା ହେଲ୍‌ମେଟ୍ ଦେଖି କିଣିପାରିବେ। ଏଭଳି କିଛି ଖାସ୍ ହେଲ୍‌ମେଟ୍ ବି ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବ।





# ସରକାରୀ ବଙ୍ଗଳା ଖାଲି କଲେ ରାହୁଲ ଗାନ୍ଧି



**ନୂଆଦିଲ୍ଲୀ:** ଅପରାଧିକ ମାନହାନୀ କେସ୍‌ରେ ଦୋଷୀ ସାବ୍ୟସ୍ତ ହୋଇ ଲୋକସଭା ସଦସ୍ୟତା ପଦ ହରାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ସରକାରୀ ବଙ୍ଗଳା ଖାଲି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ୧୨ ତୋଗଲକ ରୋଡ୍‌ରେ ଥିବା ରାହୁଲ ଗାନ୍ଧିଙ୍କ ବଙ୍ଗଳାରୁ ଜିନିଷପତ୍ର କଢ଼ା ଯାଉଥିବା ଭିଡିଓ ସାମ୍ନାକୁ ଆସିଛି। ଟ୍ରକ୍ ଯୋଗେ ରାହୁଲ ନିଜ ଜିନିଷପତ୍ରକୁ ୧୦ ଜନପଥରେ ଥିବା ମା' ସୋନିଆ ଗାନ୍ଧିଙ୍କ ବାସଭବନକୁ ନେଇଛନ୍ତି। ଏବେ ରାହୁଲ ସେଠାରେ ରହିବେ ବୋଲି ଜଣାପଡ଼ିଛି।

ଲୋକସଭା ସଦସ୍ୟତା ପଦ ରଦ୍ଦ ହୋଇଥିବାରୁ ରାହୁଲ ଗାନ୍ଧିଙ୍କୁ ଏପ୍ରିଲ ୨୨ ସୁଦ୍ଧା ବଙ୍ଗଳା ଖାଲି କରିବାକୁ ନୋଟିସ ଆସିଥିଲା। ଏହି ସମୟସୀମା ମଧ୍ୟ ରାହୁଲ ଘର ଖାଲି କରିଦେବେ ବୋଲି ମଧ୍ୟ କହିଥିଲେ। ଏହିକ୍ରମରେ ଅର୍ଥାତ ଏପ୍ରିଲ ୧୪ରୁ ସେ ଘର ଖାଲି କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି।

ରାହୁଲ ଗାନ୍ଧିଙ୍କୁ ୨୦୧୯ ମସିହା ମୋଦି ସରନେମ ବୟାନ ପାଇଁ ସୁରତର ଗୋଟିଏ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। କୋର୍ଟଙ୍କ ରାୟର ୨୪ ଘଣ୍ଟା ଭିତରେ ରାହୁଲ ଗାନ୍ଧିଙ୍କ ସଦସ୍ୟତା ପଦ ରଦ୍ଦ ହୋଇଥିଲା। ଏହାକୁ ନେଇ ରାଜନୀତିକ ବୟାନବାଜୀ ଚାଲିଥିବା ବେଳେ ରାହୁଲ ସୁରତ ସେସନ୍ସ କୋର୍ଟରେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରିଛନ୍ତି। ୨୦ ତାରିଖରେ କୋର୍ଟ ଚୂଡ଼ାନ୍ତ ରାୟ ଦେବେ ବୋଲି ଦିନ ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏହା ପୂର୍ବରୁ ହିଁ ରାହୁଲ ନିଜର ସରକାରୀ ବଙ୍ଗଳା ଖାଲି କରି ଦେଇଛନ୍ତି।

ରାହୁଲ ଗାନ୍ଧି ସ୍ଥାୟୀ ଭାବେ ମା' ସୋନିଆ ଗାନ୍ଧିଙ୍କ ବାସଭବନକୁ ସ୍ଥାନାନ୍ତରିତ ହୋଇଛନ୍ତି କି ନାହିଁ, ସେକଥା ସ୍ପଷ୍ଟ ହୋଇନି। ସେହିପରି ରାହୁଲ ଗାନ୍ଧି ଆଉ ଗୋଟିଏ ଘର ଖୋଜୁଥିବା କୁହାଯାଉଛି। କିନ୍ତୁ ସେ ଜେଡ୍ ପ୍ଲସ ସୁରକ୍ଷା ବଳୟ ମଧ୍ୟରେ ରହୁଥିବାରୁ ନୂଆ ଘର ପାଇଁ ପ୍ରଥମେ ସୁରକ୍ଷାକର୍ମୀଙ୍କ ସବୁଜ ସଙ୍କେତ ଆବଶ୍ୟକ। ସୁରକ୍ଷାକର୍ମୀମାନେ ଆଖପାଖ ଅଞ୍ଚଳ ଯାଞ୍ଚ କରିବା ପରେ ହିଁ ରାହୁଲ ଗାନ୍ଧି ନୂଆ ଘରେ ରହିପାରିବେ କି ନାହିଁ, ସେକଥା କହିବେ।

## ଏପ୍ରିଲ ୧୮ ଯାଏ ଲାଗୁ ହେବନି ନୂଆ ସଂରକ୍ଷଣ ବ୍ୟବସ୍ଥା

ନୂଆଦିଲ୍ଲୀ: ମୁସଲିଙ୍କ ପାଇଁ ଥିବା ୪% ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ କର୍ଣ୍ଣାଟକା ସରକାର ନେଇଥିବା ନିଷ୍ପତ୍ତିକୁ ଏପ୍ରିଲ ୧୮ ଯାଏ କାର୍ଯ୍ୟକାରୀ କରିବେ ନାହିଁ ବୋଲି ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୮ରେ ହେବାକୁ ଥିବାରୁ କର୍ଣ୍ଣାଟକା ସରକାର ଏପରି ନିଷ୍ପତ୍ତି ନେଇଛନ୍ତି।

ଜଷ୍ଟିସ କେଏମ ଯୋଶେଫ ଜଷ୍ଟିସ ବିଭି ନାଗରତ୍ନାଙ୍କ ଖଣ୍ଡପୀଠ ଦାଖଲ ହୋଇଥିବା ରେକର୍ଡକୁ ଦେଖି କହିଛନ୍ତି ଯେ ଯାହା ଜଣାପଡୁଛି କର୍ଣ୍ଣାଟକା ସରକାରଙ୍କ ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ଭୁଲ ଧାରଣାରୁ ନିଆଯାଇଥିଲା। ଏଥିପାଇଁ ଖଣ୍ଡପୀଠ କର୍ଣ୍ଣାଟକା ସରକାରଙ୍କୁ ନୂଆ ସଂରକ୍ଷଣ ନୀତି ଅନୁସାରେ କୌଣସି ପ୍ରକାରର ନାମଲେଖା କିମ୍ବା ନିଯୁକ୍ତି ନ ଦେବାକୁ କହିଛନ୍ତି। ଏପ୍ରିଲ ୧୮ରେ ମାମଲାର ଶୁଣାଣି ହେବେ। ଏହାପରେ କର୍ଣ୍ଣାଟକା ସରକାର ଏପ୍ରିଲ ୧୮ ତାରିଖ ଯାଏ ନୂଆ ସଂରକ୍ଷଣ ନିୟମକୁ କାର୍ଯ୍ୟକାରୀ କରିବେ ନାହିଁ ବୋଲି କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କର୍ଣ୍ଣାଟକା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟରେ ଲାଗୁ ହେଉଥିବା ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରିଥିଲେ। ମୁସଲିମମାନଙ୍କ ପାଇଁ ଥିବା ୪% ସଂରକ୍ଷଣ ବ୍ୟବସ୍ଥାକୁ ସରକାର ହଟାଇ ଦେଇଥିଲେ। ଏଥିସହ ସେମାନଙ୍କୁ ଆର୍ଥିକ ପଛୁଆ ବର୍ଗ (EWS)ରେ ଥିବା ୧୦% ସଂରକ୍ଷଣ ବ୍ୟବସ୍ଥା ମଧ୍ୟକୁ ପଠାଇ ଦେଇଥିଲେ। ଏହାର ଅର୍ଥ ମୁସଲିମମାନଙ୍କୁ ବ୍ରାହ୍ମଣ, ବ୍ୟାସ, ମୁଦାଲିୟାର୍ସ, ଜୈନ ଓ ଅନ୍ୟ ବର୍ଗର ଲୋକଙ୍କ ସହ ସଂରକ୍ଷଣ ପାଇଁ ପ୍ରତିଯୋଗିତା କରିବାକୁ ପଡ଼ିବ।

## ବିଜେପି ଛାଡ଼ି ହାତ ଧରିଲେ ଲକ୍ଷ୍ମଣ ସାବାଡ଼ି



ନୂଆଦିଲ୍ଲୀ: ଟିକେଟ ନ ମିଳିବାରୁ ଦୁଇ ଦିନ ତଳେ ବିଜେପିରୁ ଇସ୍ତଫା ଦେଇଥିବା କର୍ଣ୍ଣାଟକାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସାବାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। କର୍ଣ୍ଣାଟକା ପ୍ରଦେଶ କଂଗ୍ରେସ ସଭାପତି ଡିକେ ଶିବକୁମାର ଏହି ସୂଚନା ଦେଇଛନ୍ତି।

ଅଥାନି ଆସନରୁ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ଲକ୍ଷ୍ମଣ ଏଥର ମଧ୍ୟ ଏହି ଆସନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ। କିନ୍ତୁ ବିଜେପି ତାଙ୍କ ବଦଳରେ ମହେଶ କୁମାଥଲୀଙ୍କୁ ଟିକେଟ୍ ଦେଇଛି। ଏହି ଘୋଷଣା ପରେ ଲକ୍ଷ୍ମଣ ସାବାଡ଼ି ବିଜେପିରୁ ଇସ୍ତଫା ଦେଇଥିଲେ। ତା'ସହିତ ସେ ବିଧାନ ପରିଷଦ ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ।

କଂଗ୍ରେସରେ ଯୋଗ ଦେଇଥିବା ଲକ୍ଷ୍ମଣ ଅଥାନି ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଜଣାପଡ଼ିଛି। ୨୦୧୮ ବିଧାନସଭା ନିର୍ବାଚନରେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ମହେଶ କୁମାଥଲୀଙ୍କ ଠାରୁ ସେ ପରାସ୍ତ ହୋଇଥିଲେ।

ଅନ୍ୟପକ୍ଷରେ ଲକ୍ଷ୍ମଣ କଂଗ୍ରେସରେ ଯୋଗ ଦେବା ପରେ ପ୍ରତିକ୍ରିୟା ରଖିଛନ୍ତି କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ। ସେ କହିଛନ୍ତି, ମୁଁ ତାଙ୍କ ପାଇଁ ଦୁଃଖିତ। ତେବେ ଏହା ରାଜନୀତିରେ ଅତିସାଧାରଣ। ସେ ସେଠାରେ ତାଙ୍କର ରାଜନୀତିକ ଭବିଷ୍ୟତ ଦେଖିଥିବେ। ତେଣୁ ସେଠାକୁ ଯାଇଥିବେ। ମୁଁ ଜାଣିବାରେ କଂଗ୍ରେସ ୬୦ଟି ଆସନ ପାଇଁ ପ୍ରାର୍ଥୀ ପାଉନି। ସେଥିପାଇଁ ସେମାନେ କିଛି ଲୋକଙ୍କୁ ଦଳରେ ସାମିଲ କରୁଛନ୍ତି। କିନ୍ତୁ କଂଗ୍ରେସରୁ ଏଥିରୁ ଫାଇଦା ମିଳିବ ନାହିଁ।

## ବର୍ଷକୁ ମାଗଣାରେ ମିଳିବ ୫ଟି ଏଲପିଜି ସିଲିଣ୍ଡର: ଜେଡିଏସ୍



ନଆଦିଲ୍ଲୀ: କର୍ଣ୍ଣାଟକା ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ଭେଟରାନ ଏଚ୍‌ଡି ଦେବଗୌଡ଼ା ଭୋଟରଙ୍କୁ ବଡ଼ବଡ଼ ପ୍ରତିଶ୍ରୁତି ଦେଇଛନ୍ତି। ଭୋଟରଙ୍କୁ ନିଜ ଆଡ଼କୁ ଆଣିବା ପାଇଁ ଜେଡିଏସ୍ ପକ୍ଷରୁ ୧୨ ସୂତ୍ରୀ ପ୍ରତିଶ୍ରୁତି ପତ୍ର ବା ନିର୍ବାଚନୀ ହିସ୍ତାହାର ଜାରି କରାଯାଇଛି। ମହିଳା ସଶକ୍ତୀକରଣ ଓ କୃଷକଙ୍କ ବିକାଶ ଉପରେ ଦଳ ଅଧିକ ଫୋକସ କରିଛି। ଜେଡିଏସ ନିର୍ବାଚନ ଜିତିଲେ ପ୍ରତିବର୍ଷ ପରିବାର ପିଛା ୫ଟି ଏଲପିଜି ସିଲିଣ୍ଡର ମାଗଣାରେ ଯୋଗାଇ ଦେବ ବୋଲି କହିଛି।

ଦଳ ତା'ର ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି ଯେ କ୍ଷମତାକୁ ଆସିବା ପରେ ସ୍ତ୍ରୀ ଶକ୍ତି ଗ୍ରୁପ ପକ୍ଷରୁ ନିଆଯାଇଥିବା ସମସ୍ତ ଋଣକୁ ଛାଡ଼ କରାଯିବ। ଏହାବାଦ ବର୍ଷକୁ ମାଗଣାରେ ୫ଟି ଏଲପିଜି ସିଲିଣ୍ଡର, ୬ ମାସ ଯାଏ ଗର୍ଭବତୀଙ୍କୁ ୬ ହଜାର ଟଙ୍କା ଲେଖାଏ ଭତ୍ତା, ବିଧବା ଭତ୍ତାକୁ ୯୦୦ରୁ ୨୫ ଶହକୁ ବୃଦ୍ଧି ଓ ୧୫ ବର୍ଷ ଚାକିରି ଶେଷ କରିଥିବା ସମସ୍ତ ଲୋକଙ୍କୁ ପେନସନ ଦିଆଯିବ ବୋଲି ଦଳ କହିଛି।

ଜେଡିଏସ ତା'ର ଇସ୍ତାହାରରେ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ରିହାତି କଥା କହିଛି। ଚାଷୀଙ୍କୁ ଏକର ପିଛା ୧୦ ହଜାର ଟଙ୍କାର ସବସିଡି ମିଳିବ। କୃଷି ଶ୍ରମିକଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏ ଭତ୍ତା, ଚାଷ କାମ କରୁଥିବା ଯୁବକଙ୍କୁ ବିବାହ କରୁଥିବା ଝିଅମାନଙ୍କୁ ୨ ଲକ୍ଷ ଟଙ୍କାର ସବସିଡି ମଧ୍ୟ ମିଳିବ। ବିଭିନ୍ନ ସିଭିଲ ସର୍ଭିସ ଓ ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷା କନ୍ନଡ ଭାଷାରେ କରିବା ପାଇଁ ଜେଡିଏସ୍ କ୍ଷମତାକୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବ।

କାନ୍ନାଡିଗାସଙ୍କ ପାଇଁ ଘରୋଇ ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯିବ। ସରକାରୀ କଲେଜରେ ପାଠପଢୁଥିବା ୬୦ ହଜାର ଛାତ୍ରୀଙ୍କୁ ଜେଡିଏସ ସରକାର ଗଠନ କଲେ ମାଗଣାରେ ୬.୮ ଲକ୍ଷ ସାଇକେଲ ଓ ଇଲେକ୍ଟ୍ରିକ ଗାଡ଼ି ଦେବ। ପ୍ରତିଜିଲ୍ଲାରେ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ତିଆରି କରାଯିବ ବୋଲି ଜେଡିଏସ୍ ତା'ର ନିର୍ବାଚନୀ ହିସ୍ତାହାରରେ ଉଲ୍ଲେଖ କରିଛି।

ଜେଡିଏସ ଏଯାଏ ୧୪୨ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଖୁବଶୀଘ୍ର ୮୨ଟି ଆସନରେ କେଉଁମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ, ସେମାନଙ୍କ ନାଁ ସାର୍ବଜନୀନ କରିବ।

## ଏଥର ଦୁର୍ବଳ ମୌସୁମୀ, କମ୍ ବର୍ଷା



ନୂଆଦିଲ୍ଲୀ: ଚଳିତ ବର୍ଷ ମୌସୁମୀ ଜନିତ ବର୍ଷା ପରିମାଣ କମିବ। ସ୍ୱାଭାବିକଠାରୁ କମ ବର୍ଷା ହେବ। ଏମିତି କିଛି ଆକଳନ କରିଛି ଘରୋଇ ପାଣିପାଗ ଏଜେନ୍ସି ସ୍କାଏମେଟ । ଚଳିତ ବର୍ଷ ଏଲନିନୋ ଉପୁଜିବାର ସମ୍ଭାବନା ଥିବାରୁ ବର୍ଷାର ପରିମାଣ ହ୍ରାସ ପାଇବ। ସାଧାରଣତଃ ଏଲନିନୋ ସୃଷ୍ଟି ହେଲେ ଏହା ମୌସୁମୀକୁ ପ୍ରଭାବିତ କରିଥାଏ। ଫଳରେ ଏସିଆର ଜଳବାୟୁ ଉଷ୍ମ ରହିଥାଏ।

ସ୍କାଏମେଟର ପରିଚାଳନା ନିର୍ଦ୍ଦେଶକ ଜତିନ୍ ସିଂହ ଏକ ବିବୃତ୍ତିରେ କହିଛନ୍ତି ଯେ, ସାଧାରଣତଃ ଏହି ଏଲନିନୋ ମୌସୁମୀକୁ ଦୁର୍ବଳ କରିଦେଇଥାଏ। ଫଳରେ ମୌସୁମୀ ଆଗମନରେ ଅନିୟମିତତା ସୃଷ୍ଟି ହୋଇ ବୃଷ୍ଟିପାତ କମ ହୋଇଥାଏ। ତେଣୁ ଚଳିତ ବର୍ଷ ୯୪ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି।

ସାଧାରଣତଃ ମୌସୁମୀ ଜୁନ୍ ମାସରୁ ଆରମ୍ଭ ହେଉଥିବା ବେଳେ ଗତ ୫୦ ବର୍ଷରେ ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ପର୍ଯ୍ୟନ୍ତ ବର୍ଷା ହେବାର ରେକର୍ଡ଼ ରହିଛି। ବାର୍ଷିକ ମୌସୁମୀ ଆଗମନ ସମ୍ପର୍କିତ ସବିଶେଷ ଆକଳନ ଖୁବଶୀଘ୍ର ଭାରତୀୟ ପାଣିପାଗ ବିଗଭାଗ ପକ୍ଷରୁ ପ୍ରକାଶ ପାଇବ ।

ଭାରତର ଅଧିକାଂଶ ଚାଷ ଜମି ଅଣଜଳସଚିତ ବର୍ଗର। ଯେଉଁଠି ଚାଷ ପାଇଁ ଜଳର ସୁବିଧା ନଥାଏ। ତେଣୁ ଏ ସବୁ ସ୍ଥାନର ଲୋକେ ବର୍ଷା ଉପରେ ନିର୍ଭରଶୀଳ। ଖରିଫ ଋତୁରେ ଦେଶରେ ଧାନ, ମକା, ବେତ, କପା ଏବଂ ସୋୟାବିନ୍ ଫସଲ ହୋଇଥାଏ। ଏ ସବୁ ଚାଷ ପାଇଁ ପାଣି ଅଧିକ ଆବଶ୍ୟକ ପଡ଼ିଥାଏ। ଏହି ଖରିଫ ଫସଲରୁ ଚାଷୀ ବର୍ଷଯାକର ଚଳିବା ପାଇଁ ଦୁଇ ପଇସା ଲାଭ କରିଥାଏ। ହେଲେ ଏଥର ବର୍ଷାର ପାରିମାଣ କମିଲେ ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହା ଚାଷୀକୂଳ ପାଇଁ ଚିନ୍ତାର କାରଣ ପାଲଟିପାରେ। ତେବେ ଉତ୍ତର ଏବଂ ମଧ୍ୟଭାଗରେ ବର୍ଷା ଅଭାବ ହେବାର ସମ୍ଭାବନା ରହିଛି ବୋଲି ସ୍କାଏମେଟ ଆଶା କରିଛି।

## ଜୁଲାଇ ୧ରୁ ଅମରନାଥ ଯାତ୍ରା ଆରମ୍ଭ



ନୂଆଦିଲ୍ଲୀ: ବାର୍ଷିକ ଅମରନାଥ ଯାତ୍ରା କେବେ ଠାରୁ ଆରମ୍ଭ ହେବ, ତା'ର ତାରିଖ ଘୋଷଣା କରାଯାଇଛି। ଜୁଲାଇ ୧ରୁ ବାବା ଅମରନାଥଙ୍କ ଯାତ୍ରା ଆରମ୍ଭ ହେବ। ଦୀର୍ଘ ୬୦ ଦିନ ଧରି ଏହି ଯାତ୍ରା ଚାଲିବ। ଏହି ଅବସରରେ ଦକ୍ଷିଣ କଶ୍ମୀରରେ ଥିବା ଗୁମ୍ଫାକୁ ଯାଇ ଶ୍ରଦ୍ଧାଳୁମାନେ ବାବା ଅମରନାଥଙ୍କ ଦର୍ଶନ କରିପାରିବେ।

ଉଭୟ ଅଫଲାଇନ ଓ ଅନଲାଇନରେ ଏହି ଯାତ୍ରା ପାଇଁ ଶ୍ରଦ୍ଧାଳୁମାନେ ପଞ୍ଜୀକରଣ କରିପାରିବେ। ଏପ୍ରିଲ ୧୭ରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ଏ ସମ୍ପର୍କରେ ଜମ୍ମୁ-କଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଉପଯୁକ୍ତ ବ୍ୟବସ୍ଥା ଓ ଅତ୍ୟନ୍ତ ସୁରୁଖୁରୁରେ ଯାତ୍ରା ଶେଷ କରିବାକୁ ପ୍ରଶାସନ ପ୍ରତିଶ୍ରୁତିବଦ୍ଧ। ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ ଯାତ୍ରା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ପ୍ରଥମ ପ୍ରାଥମିକତା। ପ୍ରଶାସନ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁ ଓ ସେବା ପ୍ରଦାନକାରୀ ଲୋକଙ୍କୁ ଶ୍ରେଷ୍ଠ ସ୍ୱାସ୍ଥ୍ୟ ସେବା ସହ ସମସ୍ତ ପ୍ରକାରର ଅତ୍ୟାବଶ୍ୟକ ଜିନିଷ ଯୋଗାଇ ଦିଆଯିବ। ଯାତ୍ରା ପୂର୍ବରୁ ଟେଲିକମ ସେବାକୁ ଅଧିକ ତ୍ୱରାନ୍ୱିତ କରାଯିବ। ବିଜୁଳି, ସୁରକ୍ଷା ଠାରୁ ଆରମ୍ଭ କରି ସବୁ ପ୍ରକାରର ବ୍ୟବସ୍ଥା ପାଇଁ ସମସ୍ତ ବିଭାଗ କାମ କରୁଛନ୍ତି। ଭଲ ଭାବେ ଯାତ୍ରାକୁ ଶେଷ କରିବା ସମସ୍ତଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି। ସବୁ ବର୍ଷ ଭଳି ଏଥର ମଧ୍ୟ ଅନନ୍ତନାଗରେ ଥିବା ପାହାଲଗାମ ଓ ଗଣ୍ଡେରବାଲ ଜିଲ୍ଲାରେ ଥିବା ବାଲଟାଲ ଟ୍ରାକ୍‌ରୁ ଯାତ୍ରା ସମାନ ସମୟରେ ଆରମ୍ଭ ହେବ।

# ଦେଶରେ ବଢ଼ିଲା ବାଘଙ୍କ ସଂଖ୍ୟା, ଏବେ ଅଛନ୍ତି ୩୧୬୭



ନୂଆଦିଲ୍ଲୀ: ଦେଶରେ ବଢ଼ିଛି ବାଘଙ୍କ ସଂଖ୍ୟା। ୨୦୨୨ ବାଘ ଗଣନା ଅନୁଯାୟୀ ଏବେ ଦେଶର ବିଭିନ୍ନ ଜଙ୍ଗଲରେ ମୋଟ ୩୧୬୭ଟି ବାଘ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କର୍ଣ୍ଣାଟକାର ମହୀଶୂରରେ ପ୍ରୋଜେକ୍ଟ ଟାଇଗରର ୫୦ ବର୍ଷ ପୂର୍ତ୍ତି ଅବସରରେ ବାଘଙ୍କ ସଂଖ୍ୟା ସାର୍ବଜନୀନ କରିଛନ୍ତି। ଏଥିସହ ସହ ବ୍ୟାଘ୍ର ସଂରକ୍ଷଣ ପାଇଁ ସେ ଅମୃତକାଳର ଭିଜନ ମଧ୍ୟ ରିଲିଜ୍ କରିଛନ୍ତି।

ଆଗକୁ ବାଘ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା, ପରିବେଶ, ଜଙ୍ଗଲ ଜମିର ସୁରକ୍ଷା ପାଇଁ ସରକାର ଲକ୍ଷ୍ୟ ରଖିଥିବା ବିଷୟବସ୍ତୁ ଏଥିରେ ରହିଛି। ଏହାବାଦ ପ୍ରଧାନମନ୍ତ୍ରୀ ମୋଦି International Big Cats Allianceକୁ ମଧ୍ୟ ଲଞ୍ଚ କରିଛନ୍ତି। ଆଇବିସିଏର ଲକ୍ଷ୍ୟ ହେଲା ୭ଟି ବଡ଼ ବନ୍ୟଜନ୍ତୁ ଯଥା ବାଘ, ସିଂହ, ଲିଓପାର୍ଡ, ବରଫ ଲିଓପାର୍ଡ, ପୁମା, ଜାଗୁଆର ଓ ଚିତା ବାଘର ସୁରକ୍ଷା କରିବା। ସେମାନଙ୍କ ଶିକାର ବନ୍ଦ କରିବା ସହ ବେଆଇନ ଚାଲାଣକୁ ଅନ୍ତର୍ଜାତୀୟ ସ୍ତରରେ ରୋକିବା ପାଇଁ ଏହାକୁ ଲଞ୍ଚ କରାଯାଇଛି।

ଏହାବାଦ ପ୍ରଧାନମନ୍ତ୍ରୀ ମୋଦି ପ୍ରୋଜେକ୍ଟ ଟାଇଗରର ୫୦ତମ ପୂର୍ତ୍ତି ଅବସରରେ ଗୋଟିଏ ସ୍ମାରକୀ ମୁଦ୍ରାର ଶୁଭାରମ୍ଭ କରିଛନ୍ତି। ଏଥିରେ ବାଘର ମୁହଁ ରହିଛି। ପ୍ରୋଜେକ୍ଟ ଟାଇଗରକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ପରିଚାଳନା କରିଥାଏ। ଏହା ଅଧୀନରେ ଦେଶ ୫୩ଟି ବାଘ ଉଦ୍ୟାନ ରହିଛି। ବିଶ୍ୱର ୮୦% ବାଘ କେବଳ ଭାରତରେ ହିଁ ରହିଛନ୍ତି। ଏବେ ସଂଖ୍ୟା ବୃଦ୍ଧି ଦେଶ ପାଇଁ ଗର୍ବର ବିଷୟ ବୋଲି ମଧ୍ୟ ମୋଦି କହିଛନ୍ତି। ୨୦୦୬ରେ ଦେଶରେ ବାଘଙ୍କ ସଂଖ୍ୟା ୧୪୧୧ ଥିବା ବେଳେ ୨୦୧୦ରେ ଏହା ୧୭୦୬ ଓ ୨୦୧୪ରେ ୨୨୨୬ ଓ ୨୦୧୮ରେ ଏହି ସଂଖ୍ୟା ୨୯୬୭କୁ ଛୁଇଁଥିଲା। ୨୦୨୨ ଗଣନା ଅନୁସାରେ ଦେଶରେ ମୋଟ ୩୧୬୭ଟି ବାଘ ରହିଛନ୍ତି।

ମୋଦି ଏହି ଅବସରରେ କହିଛନ୍ତି, ପ୍ରୋଜେକ୍ଟ ଟାଇଗର ବିଗ୍ କ୍ୟାଟ୍ସଙ୍କ ସୁରକ୍ଷା ଓ ସଂରକ୍ଷଣର ବାଟ ଦେଖାଇଛି। ପ୍ରକୃତିର ସୁରକ୍ଷା କରିବା ଭାରତୀୟ ସଂସ୍କୃତିର ଗୋଟିଏ ଅଂଶ। ପ୍ରୋଜେକ୍ଟ ଟାଇଗରର ସଫଳତା କେବଳ ଭାରତ ପାଇଁ ନୁହେଁ, ବରଂ ପୂରା ବିଶ୍ୱ ପାଇଁ ଗର୍ବର ବିଷୟ। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂରା କରିଛି। ଏହି ସମୟରେ ବିଶ୍ୱର ୭୫% ବାଘ ଭାରତରେ ରହିଛନ୍ତି। ଭାରତ କେବଳ ବାଘଙ୍କ ସୁରକ୍ଷା କରିନି। ଏଥିସହ ଇକୋସିଷ୍ଟମକୁ ମଧ୍ୟ ସହାୟତା କରିଛି। ଭାରତ ବନଜନ୍ତ୍ୟ ସଂରକ୍ଷଣରେ ଅନେକ ସଫଳତା ହାସଲ କରିଛି। ପ୍ରୋଜେକ୍ଟ ଟାଇଗରକୁ ୫୦ ବର୍ଷ ପୂରିବା ଗୋଟିଏ ବଡ଼ ସଫଳତା। ଆଗକୁ ମଧ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା କରାଯିବ ବୋଲି ସେ କହିଛନ୍ତି।

## ସଂ ପା ଦ କୀ ୟ



## ମନେ ପଡ଼ନ୍ତି ଆମ୍ବେଦକର

ଭାରତୀୟ ଗଣତନ୍ତ୍ର ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ଭୀମ ରାଓ ରାମଜୀ ଆମ୍ବେଦକର। ଆମ ସମ୍ବିଧାନର ପ୍ରଣେତା ଏବଂ ଏହାର ପିତା ଭାବେ ବେଶ୍ ଜଣାଶୁଣା। ଭାରତର ଜାତିଭିତ୍ତିକ ଅସମାନତା ବିରୁଦ୍ଧରେ ତାଙ୍କର ଲଢେଇ ବେଶ୍ ଉଲ୍ଲେଖଯୋଗ୍ୟ। ଭୀମ ରାଓ ରାମଜୀ ଆମ୍ବେଦକର ୧୪ ଏପ୍ରିଲ ୧୮୯୧ରେ ମଧ୍ୟପ୍ରଦେଶର ଏକ ଦଳିତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପରିବାରର ନିମ୍ନଜାତି ହେତୁ ତାଙ୍କର ପ୍ରାରମ୍ଭିକ ଜୀବନ ଭେଦଭାବ, ପୃଥକତା ଏବଂ ଅସ୍ପୃଶ୍ୟତା ମଧ୍ୟରେ କଟିଥିଲା। ସ୍ୱାଧୀନତା ସଂଗ୍ରାମରେ ଆମ୍ବେଦକରଙ୍କ ଭୂମିକା ଜଟିଳ ଥିଲା। ବ୍ରିଟିଶଙ୍କ ଠାରୁ ଭାରତୀୟମାନଙ୍କୁ ଅଧିକ କ୍ଷମତାପ୍ରଦାନ କରିବାକୁ ଏବଂ ଶେଷରେ ଭାରତ ଛାଡ଼ିବାକୁ ପ୍ରବର୍ତ୍ତାଇବା ଉପରେ ପ୍ରାଧାନ୍ୟ ଦେଇଥିବା ଆମ୍ବେଦକରଙ୍କ ହସ୍ତକ୍ଷେପ ଏବଂ ଓକିଲାତି ଦଳିତ ଅଧିକାରର ସୁରକ୍ଷା ତଥା ଆଗକୁ ବଢ଼ିବାରେ ଲାଗିଥିଲା। ଫଳସ୍ୱରୂପ ସେ ଭାରତୀୟ ଜାତୀୟ କଂଗ୍ରେସ ସହିତ ସଂଘର୍ଷ କରିଥିଲେ। ଦଳିତଙ୍କ ଅଧିକାର ପାଇଁ ଲଢୁଥିବା ସାମାଜିକ ଗତିବିଧିରେ ଆମ୍ବେଦକର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୨୪ ମସିହାରେ ସେ 'ଶିକ୍ଷା ଆନ୍ଦୋଳନ' ଉଦ୍ଦେଶ୍ୟରେ 'ଉଦାସୀନ ଶ୍ରେଣୀର' ସାମାଜିକ ଉନ୍ନତି ପାଇଁ 'ବାହୁଶ୍ରୀକ ହିତକରାନି ସଭା' ପ୍ରତିଷ୍ଠା କରିଥିଲେ। ୧୯୨୭ ମସିହାରେ, ରାୟଗଡ଼ା ଜିଲ୍ଲାରେ ଅବସ୍ଥିତ ମହାଦଠାରେ ଏକ ଉଦାସୀନ ଶ୍ରେଣୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ସେଠାରେ ଆମ୍ବେଦକର ଏକ ସମତିହାସିକ ବିରୋଧର ନେତୃତ୍ୱ ନେଇଥିଲେ ଯାହା ଏକ ବୃହତ ଟ୍ୟାଙ୍କିରୁ ପାନୀୟ ଜଳ ପିଇବା ସହ ଶତାବ୍ଦୀ ଧରି ରହିଆସିଥିବା ଦମନକାରୀ ସାମାଜିକ ତଥା ଶାରୀରିକ ନିୟମକୁ ଭାଙ୍ଗି ଦେଇଥିଲା। ଆମ୍ବେଦକର ବମ୍ବେ ବିଧାନ ପରିଷଦରେ ମଧ୍ୟ ୧୯୨୬-୩୪ର ମନୋନୀତ ସଦସ୍ୟ ଥିଲେ। ଭାରତୀୟ ସମ୍ବିଧାନ ଏବଂ ଏହାର ଡ୍ରାଫ୍ଟ ପ୍ରକ୍ରିୟା ଆମ୍ବେଦକରଙ୍କ ସହିତ ସମକକ୍ଷ ଭାବରେ ଦେଖାଯାଏ। ତାଙ୍କୁ ପ୍ରାୟତଃ ଭାରତୀୟ ସମ୍ବିଧାନର ପିତା ବୋଲି କୁହାଯାଏ ଏବଂ ସମସ୍ତ ବିଧାନସଭା ସଦସ୍ୟଙ୍କ ମଧ୍ୟରେ ସେ ଜଣାଶୁଣା। ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆମ୍ବେଦକରଙ୍କ ହସ୍ତକ୍ଷେପ ଓ ବକ୍ତବ୍ୟଗୁଡ଼ିକ ଅନ୍ତର୍ନିହିତ, ଉତ୍ତମଯୁକ୍ତିଯୁକ୍ତ ଏବଂ ଅନୁସନ୍ଧାନ ମୂଳକ ଅଟେ। ଏହା ତାଙ୍କୁ ବିଧାନସଭାର ଅନ୍ୟ ସଦସ୍ୟଙ୍କ ସମର୍ଥନ ମଧ୍ୟ ମିଳିଥିଲା, ଯେଉଁମାନେ ତାଙ୍କୁ ସମ୍ବିଧାନ ନିର୍ମାଣ ପ୍ରକଳ୍ପର ନେତୃତ୍ୱ ନେବାକୁ ଅନୁମତି ଦେଇଥିଲେ। ୨୯ ଅଗଷ୍ଟ, ୧୯୪୭ରେ ଗୋଟିଏ ସଂକଳ୍ପ ପାରିତ କରି ବିଧାନସଭା ସ୍ୱାଧୀନ ଭାରତ ସମ୍ବିଧାନର ଏକ ଡ୍ରାଫ୍ଟ ପ୍ରସ୍ତୁତ ପାଇଁ ଡକ୍ଟର ଆମ୍ବେଦକରଙ୍କ ସମେତ ୭ ଜଣ ସଦସ୍ୟଙ୍କ ସହ ଏକ 'ଦ ଡ୍ରାଫ୍ଟ କମିଟି' ନିଯୁକ୍ତ କରାଗଲା। କୁହାଯାଏ ଯେତେବେଳେ ଭାରତର ସମ୍ବିଧାନର ଡ୍ରାଫ୍ଟ ଆରମ୍ଭ ହୋଇଥିଲା ସେତେବେଳେ ପଣ୍ଡିତ ନେହରୁ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସେହି ସମୟର ଅନ୍ତର୍ଜାତୀୟସ୍ତରରେ ଜଣାଶୁଣା ସାମ୍ବିଧାନିକ ବିଶେଷଜ୍ଞ ଭାବରେ ସାର୍ ଗୁର ଜେନିଙ୍ଗ୍ସଙ୍କୁ ନିମନ୍ତ୍ରଣ ଏବଂ ପରାମର୍ଶ କରିବାକୁ ଚିନ୍ତା କରିଥିଲେ। ଏହି ପ୍ରସଙ୍ଗରେ ପରାମର୍ଶ ପାଇଁ ଗାନ୍ଧୀଜୀ ସେମାନଙ୍କୁ ଜଣାଇଥିଲେ ଯେ ସେମାନେ ଭାରତ ମଧ୍ୟରେ ଏକ ଉଲ୍ଲେଖନୀୟ ଆଇନ ଏବଂ ସାମ୍ବିଧାନିକ ବିଶେଷଜ୍ଞ ଆମ୍ବେଦକରଙ୍କର ଅଧିକାର ଅଛି, ସେମାନେ ବିଦେଶୀ ବିଶେଷଜ୍ଞମାନଙ୍କୁ କାହିଁକି ଖୋଜିବେ, ସେ ସଠିକ୍ ଭାବରେ ଯୋଗ୍ୟ। ଡକ୍ଟର ଆମ୍ବେଦକରଙ୍କୁ ର୍ପଯ୍ୟାୟକ୍ରମେ ସମ୍ମାନିତ କରାଯାଇଥିଲା। ପ୍ରଥମ ସୋପାନରେ ତାଙ୍କୁ ବିଧାନସଭା ସଦସ୍ୟ ଭାବରେ ସମ୍ମାନିତ କରାଯାଇଥିଲା। ଡ୍ରାଫ୍ଟ ସମ୍ବିଧାନରେ 'ମୌଳିକ ଅଧିକାର', ଧାର୍ଯ୍ୟ ଏବଂ ଯଥାର୍ଥ ଅଟେ। ସମସ୍ତ ଅଧିକାର ମଧ୍ୟରୁ ଡ. ଆମ୍ବେଦକର 'ସମାନତାର ସୁଯୋଗ'କୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପାଳନ କରିଥିଲେ। ସାମ୍ବିଧାନିକ ପ୍ରତିକାର ବିଷୟରେ ସେ ଧାରା ୩୨କୁ ସମ୍ବିଧାନର ପ୍ରାଣ ଏବଂ ଏହାର ହୃଦୟ ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ପାଇଁ ମୌଳିକ ଅଧିକାରର ଅର୍ଥ ହେଉଛି ଆମର ସାମାଜିକ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସମାନତା ଏବଂ ସ୍ୱାଧୀନତାର ପ୍ରତିଷ୍ଠା, ଯାହା ଅସମାନତା ଭେଦଭାବରେ ପରିପୂର୍ଣ୍ଣ ଏବଂ ଅନ୍ୟାନ୍ୟ ଯାହା ଆମର ମୌଳିକ ଅଧିକାର ସହିତ ବିରୋଧାଭାସ କରେ। ରାଜନୈତିକ ନିର୍ଦ୍ଦେଶନାମା ସାମାଜିକ ଏବଂ ଅର୍ଥନୈତିକ ଗଣତନ୍ତ୍ରକୁ ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା; ଯାହା ଏକ ଲିଖିତ ସମ୍ବିଧାନରେ ମୌଳିକ ଅଧିକାରର ବ୍ୟବସ୍ଥା ଦ୍ୱାରା ସୁରକ୍ଷିତ ହୋଇଥିଲା। ଡକ୍ଟର ଆମ୍ବେଦକର କହିଛନ୍ତି ଯେ ଯାହାକୁ ଡାଇରେକ୍ଟିଭ୍ ପ୍ରିନ୍ସିପାଲ୍ କୁହାଯାଏ ତାହା କେବଳ ବିଧାନସଭା ତଥା କାର୍ଯ୍ୟନିର୍ବାହୀକୁ ନିର୍ଦ୍ଦେଶନାମା ପାଇଁ ଯେଉଁଥିରେ କି ସେମାନେ କିପରି ସେମାନଙ୍କର ଶକ୍ତି ବ୍ୟବହାର କରିବେ ସେ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ସମ୍ବିଧାନ ହେଉଛି ଏକ ଗତିଶୀଳ ଡକ୍ୟୁମେଣ୍ଟ ଯାହା ଦେଶର ଅଭିବୃଦ୍ଧି ସହିତ ବଢ଼ିବା ଉଚିତ, ପରିବର୍ତ୍ତିତ ଆବଶ୍ୟକତା ଅଛି ଏବଂ ପରିସ୍ଥିତିକୁ ଅନୁକରଣ କରିବା ଉଚିତ୍। ତେଣୁ ସଂଶୋଧନ ଆବଶ୍ୟକତାକୁ ଡକ୍ଟର ଆମ୍ବେଦକର ଅନୁରୋଧ କରିଥିଲେ । ବିଧାନସଭାର ସାମ୍ବିଧାନିକ ମୃତ୍ୟୁକୁ ନେଇ ଡକ୍ଟର ଆମ୍ବେଦକର ସନ୍ଦେହ କରୁଥିଲେ। ତେଣୁ ସେ ସମ୍ବିଧାନରେ ପ୍ରଶାସନର ଅନ୍ତର୍ଭୁକ୍ତ କରିବାକୁ ଚାହୁଁଥିଲେ। ୧୯୪୭ ମସିହାରେ ସ୍ୱାଧୀନ ଭାରତର ପ୍ରଥମ ଆଇନ୍ ମନ୍ତ୍ରୀ ଭାବେ ଆମ୍ବେଦକରଙ୍କୁ ନିଯୁକ୍ତି ଦିଆଯାଇଥିଲା ।୧୯୫୨ରେ ଲୋକସଭା ନିର୍ବାଚନରେ ହାରିବା ସତ୍ତ୍ୱେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଜୀବନର ପରିଣତ ବୟସରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିଯାଇଥିଲା ଏବଂ ସେ ୬ ଡିସେମ୍ବର ୧୯୫୬ ମସିହାରେ ଦିଲ୍ଲୀରେ ତାଙ୍କ ଘରେ ଶୋଇଥିବା ଅବସ୍ଥାରେ ଦେହାନ୍ତ ହୋଇଥିଲେ। ତାଙ୍କର ଜନ୍ମ ତାରିଖ ସର୍ବସାଧାରଣ ଛୁଟିଦିନରେ 'ଆମ୍ବେଦକର ଜୟନ୍ତୀ' ଭାବେ ପାଳନ କରାଯାଏ। ୧୯୯୧ ମସିହାରେ ତାଙ୍କୁ ଭାରତ ରତ୍ନ ଦିଆଯାଇଥିଲା । ତାଙ୍କର ଲଢ଼େଇ ଯୋଗୁଁ ଆଜିର ସମାଜରେ ଭେଦଭାବ ଅନେକାଂଶରେ କମିଛି। କିନ୍ତୁ ଆହୁରି ଆଗକୁ ଅନେକ ପଥ ଚାଲିବାର ଅଛି। ତାଙ୍କର ଅବଦାନ ପାଇଁ ଉପକୃତ ମଣିଷ ସମାଜ ଏବେ ବି ତଳେ ପଡ଼ିଥିବା ବ୍ୟକ୍ତିସମୂହଙ୍କ ସାମାଜିକ ଉତ୍ଥାନ ପାଇଁ ମନ ନିବେଶ କଲେ ଆମ୍ବେଦକରଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

# ରାଜନୈତିକ ଗୋଟି ନହେଉ ମେଟ୍ରୋ ରେଳ

**ଜାନକୀଶ ବଡ଼ପଣ୍ଡା**

୧୯୮୪ ମସିହାରେ ଆମ ଦେଶର ପ୍ରଥମ ମେଟ୍ରୋ ରେଳ ଗଡ଼ିଥିଲା କଲିକତା ମହାନଗରୀରେ। କିନ୍ତୁ, ଏଥିପାଇଁ ୧୦୩ ବର୍ଷ ତଳୁ ବିଚାର ଆଲୋଚନା ଆରମ୍ଭ ହୋଇଥିଲା। ଏକ କମିଟି କଲିକତା ମହାନଗରୀରେ ଭୂତଳ ମେଟ୍ରୋ ରେଳ ବା ଟିୟୁବ ଟ୍ରେନ ଚଳାଇବା ସପକ୍ଷରେ ରିପୋର୍ଟ ଦେଲାପରେ ବି ଭାରତ ସ୍ୱାଧୀନତା ପାଇବା ଯାଏଁ କିଛି ବି କରାଯାଇ ନଥିଲା। ୧୯୪୯-୫୦ ବର୍ଷରେ ପଶ୍ଚିମ ବଙ୍ଗ ସରକାର ପ୍ରସ୍ତାବକୁ ଅଗ୍ରାଧିକାର ଦେଇ ଏକ ଫରାସୀ କମ୍ପାନୀକୁ ସର୍ଭେ କରିବାକୁ ଦାୟିତ୍ୱ ଦେଇଥିଲେ। ଏହାର ୨୩ ବର୍ଷ ଯାଏଁ ଶୀତଳ ଭଣ୍ଡାରରେ ପ୍ରସ୍ତାବ ରହିବା ପରେ ବହୁ ପ୍ରତୀକ୍ଷିତ ମହତ୍ୱାକାଂକ୍ଷୀ ମେଟ୍ରୋ ରେଳ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହେଲା ୧୯୭୨ ମସିହାରେ ଓ ଭୂତଳ ମେଟ୍ରୋ ରେଳଗାଡ଼ି ୧୯୮୪ ଅକ୍ଟୋବର ୨୪ ତାରିଖରେ ଗଡ଼ିଥିଲା। ରାଜଧାନୀ ଦିଲ୍ଲୀରେ ୧୯୯୮ ମସିହାରେ ମେଟ୍ରୋ ରେଳ ପାଇଁ କାମ ଆରମ୍ଭ ହୋଇ ୨୦୦୨ରେ ନିର୍ମାଣ ସାରି ରେଳଗାଡ଼ି ଗଡ଼ିଥିଲା। ଏହା ୩୪୮.୧୨ କିମି ଲମ୍ବର ଦୀର୍ଘତମ ତଥା ବହୁଳ ବ୍ୟବହୃତ ମେଟ୍ରୋ ପ୍ରକଳ୍ପ; ଯାହା ଦେଶର ଅନ୍ୟାନ୍ୟ ବ୍ୟସ୍ତତମ ସହରରେ ମେଟ୍ରୋ ରେଳ ଚଳାଚଳ କରିବା ପାଇଁ ଆଦର୍ଶ ସୃଷ୍ଟି କରିଛି।

ଏବେ ଉତ୍କଳ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ମେଟ୍ରୋ ରେଳ ଚଳାଚଳର ସ୍ୱପ୍ନ ଦେଖାଇଛନ୍ତି। ଓଡ଼ିଶା ବାସୀଙ୍କର ବହୁ ପ୍ରତୀକ୍ଷିତ ଏହି ସ୍ୱପ୍ନ ଖୁବ ଶୀଘ୍ର ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ହୁଏତ ବହୁଲୋକଙ୍କ ଖୁସୀ କରିଥିବ। ଆଗକୁ ୨୦୨୪ରେ ସାଧାରଣ ନିର୍ବାଚନ। ଲୋକଙ୍କ ମନକୁ ଛୁଇଁଲା ଭଳି ବିଭିନ୍ନ ଦଳ ଅନେକ ସ୍ୱପ୍ନ ଦେଖେଇବା ନିଶ୍ଚିତ। ଏଣୁ ଓଡ଼ିଶାକୁ ଦୀର୍ଘ ୨୩ ବର୍ଷ ଧରି ଶାସନ କରି ଆସିଥିବା ସରକାରୀ ଦଳ ଗତାନୁଗତିକ ଧାରାରୁ ଅଲଗା କିଛି ନୂଆ ସ୍ୱପ୍ନ ଦେଖାଇବା ପ୍ରୟାସ ଅସ୍ୱାଭାବିକ ନୁହେଁ। ପୂର୍ବରୁ ଦେଖେଇଥିବା ଅନେକ ସ୍ୱପ୍ନକୁ ରୂପାୟନ କରିବାରେ ସରକାର ସଫଳ ହୋଇଥିଲା ବେଳେ ଆଉ କିଛି ସ୍ୱପ୍ନ ଆଜି ବି ଦିବାସ୍ୱପ୍ନ ହୋଇ ରହିଯାଇଛି। ତେଣୁ, ସ୍ୱାଭାବିକ ଭାବେ ରାଜ୍ୟବାସୀ ଆଶଙ୍କାରେ ଅଛନ୍ତି ଯେ, ମେଟ୍ରୋ ରେଳ ସ୍ୱପ୍ନ ସାକାର ହୋଇପାରିବ ତ ?

ଘୋଷଣା ଅନୁସାରେ, କଟକ ସହର ସନ୍ନିକଟ ତ୍ରିଶୁଳିଆଠାରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଯାଏଁ ପ୍ରଥମେ ମେଟ୍ରୋ ରେଳ ଚଳାଚଳ କରିବ। ପରେ କ୍ରମଶଃ ପୁରୀର ପ୍ରସ୍ତାବିତ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ଯାଏଁ ପରିବ୍ୟାପ୍ତ ହେବ। ବଡ଼କଥା ଯେ, ଏହି ପ୍ରକଳ୍ପ ରାଜ୍ୟ ସରକାର ନିଜସ୍ୱ ଅର୍ଥରେ କରିବେ। ପ୍ରାଥମିକ ଅଟକଳ ଅନୁସାରେ ଏ ବାବଦରେ ପ୍ରାୟ ୧୫ ହଜାର କୋଟି ଟଙ୍କା ବ୍ୟୟ ହେବ। ସରକାର ଅବଶ୍ୟ ଏଯାଏଁ ଏହି ଅର୍ଥ କେଉଁ ସୂତ୍ରରୁ ଅଣାଯିବ ତାହା କହି ନାହାନ୍ତି।

ପୂର୍ବରୁ ୨୦୧୩ ମସିହାରେ ରାଜ୍ୟ ସରକାର କଟକ-ଭୁବନେଶ୍ୱର ଯମଜ ମହାନଗରୀରେ ମନୋ ରେଳ ଟ୍ରାଞ୍ଜିଟ ସିଷ୍ଟମ ପ୍ରବର୍ତ୍ତନ କରିବାକୁ କେବଳ ମନ ବଳେଇ ନଥିଲେ, ବରଂ ଘୋଷଣା ବି କରିଦେଇଥିଲେ। ମୁମ୍ବାଇର ଇଞ୍ଜିନିୟରିଂ ପ୍ରଜେକ୍ଟସ ଇଣ୍ଡିଆ ବା 'ଇପିଆଇ'କୁ ପ୍ରକଳ୍ପ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଦାୟିତ୍ୱ ଦିଆଯାଇଥିଲା। ଏଥିପାଇଁ 'ଇପିଆଇ'ର ବିଶେଷଜ୍ଞମାନେ ପ୍ରକଳ୍ପ ଅନୁଧ୍ୟାନ ସହ ସରକାରଙ୍କ ସହ ଆଲୋଚନା କରିଥିଲେ ଓ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କିନ୍ତୁ, ମନୋ ରେଳ ପ୍ରକଳ୍ପ କେଉଁ ଅଜଣା କାରଣରୁ ମନମାରି କେଉଁଠି ଲୁଚିଗଲା ତାହା କେହି ଜାଣି ପାରିଲେନି। ପରବର୍ଷ ୨୦୧୪ ମସିହାରେ ହାଇଦରାବାଦର ବାଲାଜୀ ରେଳ ରୋଡ ସିଷ୍ଟମ ଲିମିଟେଡ଼କୁ ରାଜ୍ୟ ସରକାର 'ମାସ୍ ରାପିଡ୍ ଟ୍ରାଞ୍ଜିଟ ସିଷ୍ଟମ' ପ୍ରବର୍ତ୍ତନ କରିବାକୁ ମନସ୍ଥ କରି ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଦାୟିତ୍ୱ ଦେଇଥିଲେ। ତେବେ, ଅନୁଧ୍ୟାନ ପରେ ଏହି ବ୍ୟବସ୍ଥା କଟକ-ଭୁବନେଶ୍ୱରରେ ସମ୍ଭବ ହେବ ନାହିଁ ବୋଲି ମତାମତ ଦେଇଥିଲେ। ଏଥିପାଇଁ ଯମଜ ନଗରୀର ସ୍ୱଳ୍ପ ଜନସଂଖ୍ୟା ଓ ଅଧିକ ବ୍ୟୟ ଅଟକଳ କାରଣରୁ ଆର୍ଥିକ ଦୃଷ୍ଟିରୁ ଲାଭଜନକ ହେବନାହିଁ ବୋଲି ମତଦେବାରେ ପ୍ରସ୍ତାବଟିର ଗଜାମରୁଡ଼ି ହୋଇଗଲା।



> “ଯମଜ ନଗରୀରେ ସଡ଼କ ପରିବହନ ବ୍ୟବସ୍ଥା ଆଜି ବି ଜଟିଳ ଓ ଅବ୍ୟବସ୍ଥିତ। ଭୁବନେଶ୍ୱର ବିଶ୍ୱସ୍ତରୀୟ ରେଳଷ୍ଟେସନ କାର୍ଯ୍ୟ ଆରମ୍ଭ ନହେଉଣୁ କଟକ ରେଳଷ୍ଟେସନକୁ ବିଶ୍ୱସ୍ତରୀୟ କରାଯିବାର ଘୋଷଣା କରି ଦିଆଗଲା। ରାଜ୍ୟ-କେନ୍ଦ୍ର ମଧ୍ୟରେ ସହଯୋଗ ଓ ତାଳ ମେଳ ରହୁନଥିବାରୁ ଅଧିକାଂଶ ଯୋଜନା ଅଧାପନ୍ତରିଆ ପଡ଼ିରହିଛି। କଟକ ମହାନଗରରେ ଜାଇକା ମାଧ୍ୟମରେ ସ୍ୱେରେଜ ହେଉ କି ଭୁବନେଶ୍ୱର ରେଳଷ୍ଟେସନ ଓ ବରମୁଣ୍ଡା ଆନ୍ତଃରାଜ୍ୟ ବସଷ୍ଟାଣ୍ଡ; ଏପରିକି ସ୍ମାର୍ଟ ସିଟି ବିଳମ୍ବିତ ହୋଇ ଚାଲିଛି। ଏପରି ବିଳମ୍ବିତ ନିର୍ମାଣ ପଛରେ ନିର୍ବାଚନ ରାଜନୀତି ଓ ବଟି ଆଦାୟ ଦାୟୀ ବୋଲି ଲୋକ ଭାବି ନେଲେଣି। ସବୁ କଥାକୁ ବିଶ୍ୱସ୍ତରୀୟ କହିଦେଲେ ହୁଏନା। ଉତ୍ତମ ମାନର ନିର୍ମାଣ ସ୍ୱଳ୍ପ ତଥା ରେକର୍ଡ ସମୟସୀମା ମଧ୍ୟରେ ସାରି ଲୋକଙ୍କ ବ୍ୟବହାରରେ ଆସିପାରିଲେ ତାହାକୁ ସମଗ୍ର ବିଶ୍ୱ ସ୍ୱୀକାର କରେ।

୨୦୨୧ରେ ଓଡ଼ିଶାର ନଗର ଉନ୍ନୟନ ମନ୍ତ୍ରୀ ବିଧାନସଭା ଗୃହରେ ପ୍ରକାଶ କରିଥିଲେ ଯେ, ୨୦୪୧ ସୁଦ୍ଧା ଓଡ଼ିଶାରେ ମେଟ୍ରୋ ରେଳ ଚଳାଚଳ ସମ୍ଭବ ନୁହେଁ। କିଛିଦିନ ତଳେ, ୨୦୨୩ ମାର୍ଚ୍ଚ ମାସ ୨୭ ତାରିଖରେ କେନ୍ଦ୍ର ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ରାଜ୍ୟସଭାରେ ସ୍ପଷ୍ଟ କରିଥିଲେ ଯେ, ଓଡ଼ିଶା ସରକାରଙ୍କ ପକ୍ଷରୁ ମେଟ୍ରୋ ରେଳ ସେବା ସମ୍ପର୍କିତ କୌଣସି ପ୍ରସ୍ତାବ ଆସିନାହିଁ। ଆସିଲେ କେନ୍ଦ୍ର ସରକାର ସହାୟତା ଦେବା ବିଷୟରେ ବିଚାର କରିବେ। ମେଟ୍ରୋ ରେଳ ସେବା ନଗର ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ଆସୁଥିବାରୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ରେଳ ମନ୍ତ୍ରୀ ଏହି ପ୍ରସଙ୍ଗରେ କିଛି କହିନାହାନ୍ତି। କେନ୍ଦ୍ର ସ୍ତରରେ ନଗର ଉନ୍ନୟନ ମନ୍ତ୍ରଣାଳୟର 'ନଗର ପରିବହନ' ବିଭାଗକୁ ମେଟ୍ରୋ ରେଳ ସମ୍ବନ୍ଧିତ ଯୋଜନା ସହ ସମନ୍ୱୟ ରକ୍ଷା କରି ସମ୍ଭାବନା ପରଖି ଅନୁମତି ଦେବା ପାଇଁ ଦାୟିତ୍ୱ ଦିଆଯାଇଛି। ଜାତୀୟ ସହରାଞ୍ଚଳ ପରିବହନ ନୀତି-୨୦୦୬ ଅନୁଯାୟୀ ଏହା କରାଯାଇଛି।

୨୦୦୬ ମସିହାରେ ଜାତୀୟ ନଗରାଞ୍ଚଳ ପରିବହନ ନୀତିରେ ପ୍ରସ୍ତାବ ଦିଆ ଯାଇଛି ଯେ, ୨୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସମସ୍ତ ଭାରତୀୟ ନଗରୀରେ ମେଟ୍ରୋ ରେଳ ସେବା ବ୍ୟବସ୍ଥା ନିର୍ମାଣ କରାଯିବ। ଏବେ ଭୁବନେଶ୍ୱରର ଜନସଂଖ୍ୟା ମାତ୍ର ୧୨ ଲକ୍ଷ ଓ କଟକ ଓ ଖୋର୍ଦ୍ଧାକୁ ମିଶାଇଲେ ଜନସଂଖ୍ୟା ୩୦ ଲକ୍ଷ ଟପିଯିବ। ମେଟ୍ରୋ ରେଳ ନିର୍ମାଣ ପୁରୀଠାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ଯାଏଁ କାର୍ଯ୍ୟକାରୀ ହେବାବେଳକୁ ଏହି ସଂଖ୍ୟା ପ୍ରାୟ ୪୦ ଲକ୍ଷ ଛୁଇଁବା ସହ କେବଳ ଦେଶ ଓ ବିଦେଶରୁ ପୁରୀ ଆସୁଥିବା ମେଟ୍ରୋ ବ୍ୟବହାରକାରୀଙ୍କ ସଂଖ୍ୟା ଆଶାତୀତ ବଢ଼ିଯାଇଥିବ। ଏଣୁ, ଏହି ଯାତ୍ରୀସଂଖ୍ୟା ମେଟ୍ରୋ ବ୍ୟବସ୍ଥାକୁ ନିଶ୍ଚୟ ସଫଳ କରିପାରିବ ବୋଲି ଆଶା ସୃଷ୍ଟି କରିଛି।

ଆମେ ଭୁବନେଶ୍ୱର ଓ କଟକ ସହର ଦୁଇଟିକୁ ଯମଜ ନଗରୀ କହି ଆସୁଥିଲେ ବି ଆଜିଯାଏଁ ସେଭଳି ଅନୁଭବ ହେଉନାହିଁ। ପୁରୀଠାରେ ଗ୍ରୀନଫିଲଡ ବିମାନବନ୍ଦର କାର୍ଯ୍ୟକାରୀ ହେଲାପରେ ଭୁବନେଶ୍ୱରସ୍ଥିତ କ୍ଷୁଦ୍ର ବିମାନବନ୍ଦରରୁ ନିୟମିତ ବିମାନ ଚଳାଚଳ ବନ୍ଦକରି ଦିଆଯିବାର ଆଶଙ୍କା ରହିଛି। ଏଠାରୁ ବିଦେଶକୁ ନିୟମିତ ବିମାନ ଉଡ଼ାଣ ପାଇଁ ଆଜି ବି ସଂଘର୍ଷ କରିବାକୁ ପଡୁଛି। ଅନେକ ଦାବି ସତ୍ତ୍ୱେ ଯାଜପୁରର ଶିଳ୍ପାଞ୍ଚଳ କଳିଙ୍ଗନଗରରେ ଗ୍ରୀନଫିଲଡ ଓ ଅନୁଗୁଳ ନିକଟସ୍ଥ ଜେଏସପିଏଲଙ୍କ ବ୍ରାଉନ ଫିଲଡ ବିମାନବନ୍ଦର ଦ୍ୱୟକୁ ନିର୍ମାଣ ନକରି ମାଲକାନଗିରି ଓ ରଙ୍ଗେଇଲୁଣ୍ଡା ବିମାନବନ୍ଦର ବିଷୟରେ ପଦକ୍ଷେପ ନେଉଥିବା ରାଜ୍ୟ ସରକାରଙ୍କ ପାଖରେ ଯେ ବାସ୍ତବ ଦୃଷ୍ଟିଭଙ୍ଗୀ ଓ ବିଚାରର ଅଭାବ ରହିଛି ତାହା ସ୍ପଷ୍ଟ। କଳିଙ୍ଗନଗରରେ ଗ୍ରୀନଫିଲଡ ବିମାନବନ୍ଦର ନିର୍ମିତ ହେଲେ ଉଭୟ ପାରାଦ୍ୱୀପ ଓ ଧାମରା ସାମୁଦ୍ରିକ ବନ୍ଦର ଓ ବୁଦ୍ଧ-ସର୍କିଟ ପର୍ଯ୍ୟଟନ ବିକାଶ ଲାଭ କରିବ। ଏ ସମ୍ପର୍କରେ ନୀରବ ରହୁଥିବା ରାଜ୍ୟ ସରକାର, ଏବେ ନିଜ ଖର୍ଚ୍ଚରେ ଭୁବନେଶ୍ୱର-କଟକ ମେଟ୍ରୋ ରେଳ ଚଳାଚଳ କରାଇବାକୁ କହିଲେ ମନରେ ସନ୍ଦେହ ଆସିବା ସ୍ୱାଭାବିକ।

ଯମଜ ନଗରୀରେ ସଡ଼କ ପରିବହନ ବ୍ୟବସ୍ଥା ଆଜି ବି ଜଟିଳ ଓ ଅବ୍ୟବସ୍ଥିତ। ଭୁବନେଶ୍ୱର ବିଶ୍ୱସ୍ତରୀୟ ରେଳଷ୍ଟେସନ କାର୍ଯ୍ୟ ଆରମ୍ଭ ନହେଉଣୁ କଟକ ରେଳଷ୍ଟେସନକୁ ବିଶ୍ୱସ୍ତରୀୟ କରାଯିବାର ଘୋଷଣା କରି ଦିଆଗଲା। ରାଜ୍ୟ-କେନ୍ଦ୍ର ମଧ୍ୟରେ ସହଯୋଗ ଓ ତାଳ ମେଳ ରହୁନଥିବାରୁ ଅଧିକାଂଶ ଯୋଜନା ଅଧାପନ୍ତରିଆ ପଡ଼ିରହିଛି। କଟକ ମହାନଗରରେ ଜାଇକା ମାଧ୍ୟମରେ ସ୍ୱେରେଜ ହେଉ କି ଭୁବନେଶ୍ୱର ରେଳଷ୍ଟେସନ ଓ ବରମୁଣ୍ଡା ଆନ୍ତଃରାଜ୍ୟ ବସଷ୍ଟାଣ୍ଡ; ଏପରିକି ସ୍ମାର୍ଟ ସିଟି ବିଳମ୍ବିତ ହୋଇ ଚାଲିଛି। ଏପରି ବିଳମ୍ବିତ ନିର୍ମାଣ ପଛରେ ନିର୍ବାଚନ ରାଜନୀତି ଓ ବଟି ଆଦାୟ ଦାୟୀ ବୋଲି ଲୋକ ଭାବି ନେଲେଣି। ସବୁ କଥାକୁ ବିଶ୍ୱସ୍ତରୀୟ କହିଦେଲେ ହୁଏନା। ଉତ୍ତମ ମାନର ନିର୍ମାଣ ସ୍ୱଳ୍ପ ତଥା ରେକର୍ଡ ସମୟସୀମା ମଧ୍ୟରେ ସାରି ଲୋକଙ୍କ ବ୍ୟବହାରରେ ଆସିପାରିଲେ ତାହାକୁ ସମଗ୍ର ବିଶ୍ୱ ସ୍ୱୀକାର କରେ। ରାଉରକେଲାରେ ନିର୍ମିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିଅମ ଗିନିସ ବୁକରେ ସ୍ଥାନିତ ହୋଇ ବିଶ୍ୱ ସ୍ତରୀୟ ବୋଲାଇବାର ଏହା ହିଁ କାରଣ। ଅନେକ ସମୟରେ ରାଜନୈତିକ କାରଣରୁ ଆମ ଦେଶରେ ଅନେକ ଯୋଜନା ଘୋଷଣା କରାଯାଏ। ଭିତ୍ତି ପ୍ରସ୍ତର ସ୍ଥାପନ, ଭୂମିପୂଜନଠାରୁ ଆରମ୍ଭ କରି ବର୍ଷ ବର୍ଷ ଧରି ନିର୍ମାଣ କାମ ଚାଲେ; ହେଲେ ସରେନା। ରାତି ପରେ ରାତି ପାହିଯାଏ। ହେଲେ, ସପନ ସରେନା। ଭୁବନେଶ୍ୱର-କଟକ କ୍ରମଶଃ ଯୋଡ଼ିହୋଇ ଚାଲିଛନ୍ତି। କଟକରେ ଅଛି ହାଇକୋର୍ଟ, ବଡ଼ ଡାକ୍ତରଖାନା, କାଠଯୋଡ଼ି-ମହାନଦୀ, ରେଭେନ୍ସା, ବାରବାଟୀ, ଚଣ୍ଡୀ ମନ୍ଦିର ଓ ଭୁବନେଶ୍ୱରରେ ଅଛି ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ ବିଭବ ସହିତ ଲିଙ୍ଗରାଜ ମନ୍ଦିର। ପୁରୀ-କୋଣାର୍କ-ଭୁବନେଶ୍ୱର ସୁବର୍ଣ୍ଣ ତ୍ରିଭୁଜର ପ୍ରବେଶପଥ ହେଲା ଭୁବନେଶ୍ୱର। ଏଠାରେ ମେଟ୍ରୋ ରେଳ ବ୍ୟବସ୍ଥା ଆରମ୍ଭ ହେଲେ ଭୁବନେଶ୍ୱରର ସ୍ଥାନ ବିଶ୍ୱମାନଚିତ୍ରରେ ଅଧିକ ଜାଜ୍ଜ୍ୱଲ୍ୟମାନ ହେବ, ଏହା ନିଃସନ୍ଦେହରେ କୁହାଯାଇପାରେ।

୨୦୩୬ ମସିହାରେ ଉତ୍କଳ ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ସେତେବେଳକୁ ନୂଆ ଓଡ଼ିଶା ଗଠନ କରିବାକୁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ ବୋଲି ବାରମ୍ବାର କହୁଛନ୍ତି। ମେଟ୍ରୋ ରେଳ ପ୍ରକଳ୍ପ ଆଧୁନିକ ଗମନାଗମନକୁ ସହଜ, ସୁଗମ ଓ ଜୀବନ ଧାରଣର ମାନକୁ ଉନ୍ନତ କରିବା ସହ ଏଠାରେ ବାଣିଜ୍ୟ ବ୍ୟବସାୟ କରିବାକୁ ବହୁଦେଶୀୟ-ବ୍ୟବସାୟୀ ଓ ଶିଳ୍ପପତି ଆସିବାକୁ ଆକର୍ଷିତ କରିବ। ସାମୁଦ୍ରିକ ଉପକୂଳ ଅଞ୍ଚଳରେ ପର୍ଯ୍ୟଟନ ବଢ଼ିବ। କୃଷି ଆଧାରିତ ରାଜ୍ୟ ରୂପାନ୍ତରିତ ହେବାର ସଫଳ ଉପକ୍ରମ ସମ୍ଭବ ହୋଇପାରିବ, ଯଦି ଓଡ଼ିଶା ପ୍ରଦେଶ ଶିଳ୍ପ, ସେବା ଓ ବ୍ୟବସାୟ କ୍ଷେତ୍ରକୁ ଆଧାର କରି ପ୍ରଗତି ପଥରେ ଆଗେଇ ଚାଲିବ।

କଲିକତାର ମେଟ୍ରୋ ସେବା ରେଳ ମନ୍ତ୍ରଣାଳୟ ଅଧୀନସ୍ଥ ଗୋଟିଏ ରେଳଜୋନ ଭାବେ ପରିଗଣିତ ହେଉଥିଲାବେଳେ ଦେଶର ଅନ୍ୟାନ୍ୟ ସହରର ମେଟ୍ରୋସେବା ନଗର ଉନ୍ନୟନ ମନ୍ତ୍ରଣାଳୟ-ରାଜ୍ୟ ସରକାର-ଘରୋଇ କମ୍ପାନୀ ସହଭାଗିତାର ଅଂଶ ବିଶେଷ। କେବଳ ଗୁରୁଗାଓଁରେ କରାଯାଇଥିବା ମେଟ୍ରୋ ବ୍ୟବସ୍ଥା ସମ୍ପୂର୍ଣ୍ଣ ଘରୋଇ ଉଦ୍ୟୋଗ ହୋଇଥିଲା ବେଳେ ରାଜସ୍ଥାନର ଜୟପୁର ସହରରେ ଥିବା ମେଟ୍ରୋ ରେଳ ରାଜ୍ୟ ସରକାରଙ୍କ ଅର୍ଥରେ ନିର୍ମିତ। ଏଣୁ, ଓଡ଼ିଶା ସରକାରଙ୍କ ପକ୍ଷରୁ ଘୋଷିତ ମେଟ୍ରୋ ରେଳ ପ୍ରକଳ୍ପକୁ ବାସ୍ତବ ରୂପ ଦେବାରେ କିଛି ହିଁ ଅସୁବିଧା ନାହିଁ। ତଥାପି, କେନ୍ଦ୍ର ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରଣାଳୟ ସହଯୋଗରେ ମୋ ବସ ଚଳାଉଥିବା ଓଡ଼ିଶା ରାଜ୍ୟ ସରକାର ମେଟ୍ରୋ ରେଳ ପାଇଁ କେନ୍ଦ୍ରରୁ ଆର୍ଥିକ ସହଯୋଗ ନ ମାଗି ନିଜସ୍ୱ ଖର୍ଚ୍ଚରେ ମେଟ୍ରୋ ଚଳାଇବା ମାନସିକତା ଯେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ତାହା ରାଜ୍ୟବାସୀ ସନ୍ଦେହ କରିବା ଅମୂଳକ ନୁହେଁ।

ଫୋ- ୯୪୩୮୨୯୯୦୩୭

# ପାଠ୍ୟ ପୁସ୍ତକରେ ଇତିହାସର ପୁନଃଲେଖନକୁ ନେଇ ସନ୍ଦେହ କାହିଁକି ?

**ଭାଲଚନ୍ଦ୍ର ଷଡ଼ଙ୍ଗୀ**

କେନ୍ଦ୍ର ସରକାରଙ୍କ ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ପାଠ୍ୟ ପୁସ୍ତକ ବିଶେଷ କରି ଇତିହାସ, ରାଜନୀତି ବିଜ୍ଞାନ ପରି ସମାଜ ବିଜ୍ଞାନର ପୁସ୍ତକମାନଙ୍କରେ ନିକଟରେ କରାଯାଇଥିବା ବ୍ୟାପକ ପରିବର୍ତ୍ତନକୁ ନେଇ ଦେଶବ୍ୟାପି ବିତର୍କ ଆରମ୍ଭ ହୋଇଛି। ଇତିହାସ ପୁସ୍ତକରେ ଆଗରୁ ରହିଥିବା ମୋଗଲ ଶାସନ କାଳଠାରୁ ଆରମ୍ଭ କରି ରାଜନୀତି ବିଜ୍ଞାନ ପୁସ୍ତକରେ ଥିବା ନାଥୁରାମ ଗୋଡ଼ସେଙ୍କ ଦ୍ୱାରା ଗାନ୍ଧୀଙ୍କ ହତ୍ୟା ସମ୍ପର୍କିତ ଅଧ୍ୟାୟରେ ଏନସିଇଆରଟି ପିଲାଙ୍କ ଉପରେ ପାଠର ବୋଝ କମାଇବା ନାଁରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ବାଦ ଦିଆଯାଇଛି। ତେବେ ଏନସିଇଆରଟିର ଏହି ପଦକ୍ଷେପକୁ ଯଥାର୍ଥ ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଥିବା ବେଳେ ଦେଶର ପ୍ରମୁଖ ବୁଦ୍ଧିଜୀବୀ ଓ ବିରୋଧୀ ଦଳମାନେ କିନ୍ତୁ ସେପରି କରି ସରକାର ନିଜର ରାଜନୈତିକ ଏଜେଣ୍ଡାକୁ ଲାଗୁ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି।

କୋଭିଡ୍ ମହାମାରୀ ସମୟରେ ଲକ୍‌ଡ଼ାଉନ୍ ଯୋଗୁଁ ଦେଶ ସାରା ସ୍କୁଲ, କଲେଜ ବନ୍ଦ ହୋଇ ପିଲାଙ୍କ ନିୟମିତ ପାଠପଢ଼ାରେ ବ୍ୟାଘାତ ହୋଇଥିଲା। ଏଭଳି ପରିସ୍ଥିତିରେ ପିଲାମାନଙ୍କ ଉପରେ ପାଠର ବୋଝକୁ କମ୍ କରିବା ଉଦ୍ଦେଶ୍ୟରେ ସରକାର ଗତ ବର୍ଷ ପାଠ୍ୟକ୍ରମରେ କେତେକ ହ୍ରାସ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସେହି କ୍ରମରେ ଇତିମଧ୍ୟରେ ବଜାରକୁ ଏନସିଇଆରଟିର ନୂଆ ପାଠ୍ୟପୁସ୍ତକ ମଧ୍ୟ ଆସିଯାଇଛି ବୋଲି କୁହାଯାଇଛି। ତେବେ ସେସବୁ ପୁସ୍ତକରେ ଏଭଳି ଅନେକ ବିଷୟକୁ ହଟେଇ ଦିଆଯାଇଛି, ଯାହା ଗତବର୍ଷ ପ୍ରକାଶିତ ବିଜ୍ଞପ୍ତିରେ ବିଲକୁଲ୍ ନଥିଲା। ନୂଆ ପାଠ୍ୟପୁସ୍ତକରୁ କିଛି ବିଷୟକୁ ସମ୍ପୂର୍ଣ୍ଣ ହଟାଯାଇଥିବା ବେଳେ ଅନେକ ବିଷୟର କିଛି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ବାଦ ଦେଇ ତାକୁ ବିକୃତ କରିବାର ଉଦ୍ୟମ ସନ୍ଦେହ ସୃଷ୍ଟି କରିଛି।

ପିଲାଙ୍କ ଉପରେ ପାଠର ବୋଝ ନେଇ ସରକାର ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କାରଣ ମହାମାରୀ ସମୟରେ ଦେଶସାରା ଲକ୍‌ଡ଼ାଉନ୍ ଜାରୀ ହେବା ଫଳରେ ସ୍କୁଲ କଲେଜରେ ନିୟମିତ ଶିକ୍ଷାଦାନ ବନ୍ଦ ଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ସେତେବେଳେ ସମସ୍ୟା ସୃଷ୍ଟି ହୋଇଥିଲା। ଅତଏବ ପାଠ୍ୟକ୍ରମରେ ହ୍ରାସ କରି ପିଲାଙ୍କ ଉପରେ ପାଠର ବୋଝକୁ କମ୍ କରିବାକୁ ସରକାର ଯେଉଁ ଘୋଷଣା କରିଥିଲେ, ତାହା ବୁଝିହେଉଥିଲା। କିନ୍ତୁ ମହାମାରୀର ଅନେକ ଦିନ ପରେ ଆଜି ସ୍କୁଲ କଲେଜରେ ପୂର୍ବଭଳି ନିୟମିତ ଶିକ୍ଷାଦାନ ଚାଲିଥିବା ବେଳେ ସରକାର କୋଭିଡ଼ ନାଁରେ ଏହିଭଳି ପାଠର ବୋଝ କମାଇବା କଥା କହିବା ହାସ୍ୟାସ୍ପଦ ମନେହୁଏ। ତେବେ ତାହା ସତ୍ତ୍ୱେ ବି ଯଦି ପାଠ୍ୟ ପୁସ୍ତକରେ ପରିବର୍ତ୍ତନ କରିବାକୁ ସରକାର ଚାହୁଁଥିଲେ, ତାହା ସମ୍ପୂର୍ଣ୍ଣ ତର୍କସଙ୍ଗତ ଭାବେ କରି ପାରିଥାନ୍ତେ। ଯେଉଁ ବିଶେଷଜ୍ଞମାନେ ସେସବୁ ପାଠ୍ୟପୁସ୍ତକକୁ ଲେଖିଛନ୍ତି, ସେମାନଙ୍କୁ କମାଇବାର ଦାୟିତ୍ୱ ଦେଇ ତର୍କସଙ୍ଗତ ଭାବେ ହ୍ରାସ କରି ପାରିଥାନ୍ତେ। କିନ୍ତୁ ସେପରି ନକରି ଏନସିଇଆରଟି ପକ୍ଷରୁ ଯେଉଁଭଳି ଭାବେ ବିଷୟବସ୍ତୁରେ କାଟଛାଣ୍ଟ କରାଯାଇଛି, ସେଥିରୁ ତାହା ସମ୍ପୂର୍ଣ୍ଣ ଅତାର୍କିକ ମନେହେବା ସହ ସରକାରଙ୍କ ରାଜନୈତିକ ଉଦ୍ଦେଶ୍ୟକୁ ଉଜାଗର କରୁଛି। ଦେହର ଓଜନ ହ୍ରାସ କରିବା ନାଁରେ ମୁଣ୍ଡ କାଟିଦେବା ପରି ଏନସିଇଆରଟି ପାଠ୍ୟ ପୁସ୍ତକରେ ସରକାର ମନଇଚ୍ଛା ସଂଶୋଧନ କରି ନିଜକୁ ସୁହାଉ ନଥିବା ପ୍ରସଙ୍ଗରୁ କିଛି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ହଟେଇ ଦେଇଛନ୍ତି।

କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ଏନସିଇଆରଟିର କାମ ହେଲା, ଭାରତରେ ପିଲାଙ୍କ ଶିକ୍ଷା ସମ୍ପର୍କରେ ଗବେଷଣା କରିବା ଏବଂ ଶିକ୍ଷାଦାନର ନୂଆ ନୂଆ ତରିକା ବାହାର କରିବା। ଏହି ସଂସ୍ଥା ନିଜର ଉତ୍କୃଷ୍ଟ ମାନର ପାଠ୍ୟପୁସ୍ତକ ପ୍ରକାଶନ ଲାଗି ସବୁଠାରୁ ବେଶୀ ପ୍ରସିଦ୍ଧି ଲାଭ କରିଛି। ଏହାର ପୁସ୍ତକଗୁଡ଼ିକୁ ସାଧାରଣତଃ ମାନକ ବୋଲି ଧରାଯାଇଥାଏ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶ ପାଉଥିବା ଏହି ପାଠ୍ୟପୁସ୍ତକ ଗୁଡ଼ିକ ଏତେ ପ୍ରସିଦ୍ଧ ଯେ ଭାରତରେ କିରାଣୀଠାରୁ ଆରମ୍ଭ କରି ଆଇଏଏସ୍ ପର୍ଯ୍ୟନ୍ତ ସବୁ ପ୍ରତିଯୋଗୀତା ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀମାନେ ଏସବୁ ବହିକୁ ଅଧ୍ୟୟନ କରିଥାନ୍ତି। ଏସବୁ ବହି ସିବିଏସ୍‌ଇ ଦ୍ୱାରା ପରିଚାଳିତ ସମସ୍ତ ବିଦ୍ୟାଳୟ ସମେତ ଦିଲ୍ଲୀ ପରି କିଛି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କରେ ବି ପଢ଼ାଯାଇଥାଏ। ଏଭଳି ପରିସ୍ଥିତିରେ ବୋଝ କମାଇବା ନାଁରେ ଏନସିଇଆରଟି ନିଜର ପାଠ୍ୟ ପୁସ୍ତକରେ ଯେଉଁଭଳି ମନଇଚ୍ଛା କଟାକଟି କରି ପିଲାଙ୍କୁ ଅଧୁରା ଇତିହାସ ଉପସ୍ଥାପନ କରିବାକୁ ଯାଉଛନ୍ତି, ତାହା କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ ଉଠୁଛି।

ଏନସିଇଆରଟି ତା'ର ଇତିହାସ ପାଠ୍ୟପୁସ୍ତକରୁ ମୋଗଲ ଶାସନ କାଳକୁ ସମ୍ପୂର୍ଣ୍ଣ ନହଟାଇଲେ ବି ମୋଗଲ ଶାସନ କାଳର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବାଦ ଦେଇଛି। ସପ୍ତମ ଶ୍ରେଣୀର ଇତିହାସ ବହିରେ ଦିଲ୍ଲୀ ସୁଲାତନତ ସମ୍ପର୍କିତ ଅଧ୍ୟାୟରୁ ତିନି ପୃଷ୍ଠା ହଟେଇ ଦିଆଯାଇଛି। ସେହି ବହିରେ ଥିବା ମୋଗଲ ଶାସନର ବି କିଛି ପୃଷ୍ଠାକୁ ହଟେଇ ଦିଆଯାଇଛି। ବାବର, ଆକବର, ହୁମାୟୁନ୍, ଶାହାଜାହାନ, ଔରେଙ୍ଗଜେବ୍ ଆଦି ଶାସକମାନଙ୍କ ଉପଲବ୍ଧି ବିଷୟରେ ପୂର୍ବରୁ ଯାହା ସବୁ ଉଲ୍ଲେଖ ଥିଲା, ତାକୁ ବି ହଟେଇ ଦିଆଯାଇଛି। ଦ୍ୱାଦଶ ଶ୍ରେଣୀର ଇତିହାସରେ ମଧ୍ୟ 'ମୋଗଲ ଦରବାରରେ ରାଜା ଓ ଆମତ୍ୟମାନେ' ଶୀର୍ଷକ ଅଧ୍ୟାୟକୁ ହଟେଇ ଦିଆଯାଇଛି। ସେହିପରି ଆକବରଙ୍କ ନୀତିଗୁଡ଼ିକ ସମ୍ପର୍କରେ ରହିଥିବା ଏକ ଅଧ୍ୟାୟକୁ ବି ହଟେଇ ଦିଆଯାଇଛି, ଯେଉଁଥିରେ ଆକବରଙ୍କ ପ୍ରଶାସନର ବିଶେଷତା ଏବଂ ସମାଜର ଅଲଗା ଅଲଗା ଲୋକଙ୍କ ସାମାଜିକ ରୀତିନୀତି, ଧର୍ମକୁ ନେଇ ଆକବରଙ୍କ ରୁଚି ଏବଂ କିପରି ଆକବର ସଂସ୍କୃତର ପୁସ୍ତକଗୁଡ଼ିକୁ ପାର୍ସିରେ ଅନୁବାଦ କରିଥିଲେ, ତା'ର ଉଲ୍ଲେଖ ଥିଲା। ଇସଲାମର ଉଦ୍ଭବ ଓ ଭାରତରେ ଇସ୍ଲାମିକ୍ ସଂସ୍କୃତିର ବିକାଶ ସମ୍ପର୍କିତ ଅଧ୍ୟାୟକୁ ବି ହଟେଇ ଦିଆଯାଇଛି। ମୋଗଲ ଓ ଅନ୍ୟ ଇସଲାମିକ୍ ଶାସନ କାଳ ବ୍ୟତିତ ଆଧୁନିକ ଇତିହାସରେ ବି ଅନେକଗୁଡ଼ିଏ ପରିବର୍ତ୍ତନ କରାଯାଇଛି।

(କ୍ରମଶଃ...)

ଫୋନ ନଂ- ୯୪୩୭୧୬୬୩୯୧

# ଅସ୍ତିତ୍ୱ ସଙ୍କଟରେ ପାରମ୍ପରିକ ଜଳାଶୟ

ରେଙ୍ଗାଲି: ଯୁଗଯୁଗ ଧରି ଜୀବଜଗତକୁ ଜଳଦାନ କରିଆସୁଥିବା ବନ୍ଧ, କଁଟା, ମୁଡା ଘାଘରା ଆଦି ପାରମ୍ପାରିକ ପ୍ରାଚୀନ ଜଳଭଣ୍ଡାରଗୁଡ଼ିକର ଉପଯୁକ୍ତ ରକ୍ଷାଣାବେକ୍ଷଣ ପୁନଃରୁଦ୍ଧାର ତଥା ମରାମତି ହେଉ ନଥିବାରୁ ଅଧିକାଂଶ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏଥିସହ ବହୁ ଜଳାଶୟର ଜଳ ଦୂଷିତ ହୋଇ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଛି। ସଂଗୃହୀତ ତଥ୍ୟ ଅନୁଯାୟୀ, ରେଙ୍ଗାଲି ବ୍ଲକର ୧୬ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ୩୩୭ଟି ବନ୍ଧ, କଁଟା ଏବଂ ପୁଷ୍କରିଣୀ ରହିଛି। ତେବେ ସେଥି ମଧ୍ୟରୁ ୮୦/୯୦ ପ୍ରତିଶତ ଜଳାଶୟ ଗ୍ରୀଷ୍ମ ଋତୁରେ ଜନସାଧାରଣଙ୍କ ବ୍ୟବହାରରେ ଆସି ପାରୁନାହିଁ। ସେଥିରୁ କିଛି ଜଳଶୂନ୍ୟ ହୋଇ ଶୁଖି ଯାଉଥିବା ବେଳେ ବାକି ଜଳାଶୟଗୁଡିକରେ ବହୁତ କମ୍ ପାଣି ରହୁଥିବା ତଥା ଜଳାଶୟରେ ଦଳ ଭର୍ତ୍ତି ହୋଇ ରହୁଥିବାରୁ ପାଣି ଦୂଷିତ ହୋଇ ମଶାମାଛିଙ୍କ ବଂଶ ବିସ୍ତାରର କେନ୍ଦ୍ର ପାଲଟିଯାଉଛି। ଅନେକ ଗ୍ରାମରେ କୌଣସି ବିକଳ୍ପ ନଥିବାରୁ ଲୋକେ ଦୂଷିତ ପାଣିରେ ସ୍ନାନ ଶୌଚ କରିବାକୁ ବାଧ୍ୟ ହେଉଛନ୍ତି। ସ୍ୱାଧୀନତାର ୭୫ବର୍ଷ ଭିତରେ କେତେ ସରକାର ଆସିଲେ ଗଲେ କିନ୍ତୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ କାହାରି ନିଘା ନାହିଁ। ଏପରିକି ନିର୍ବାଚନରେ ଏହା କୌଣସି ରାଜନୈତିକ ଦଳର ଇସ୍ତାହାରରେ ସ୍ଥାନ ପାଉନାହିଁ କି ପ୍ରସଙ୍ଗ ବି ହୋଇପାରୁନାହିଁ।

ସରକାର ଜନସାଧାରଣଙ୍କ ଜଳ ଚାହିଦା ପୂରଣ କରିବାପାଇଁ ଆଦର୍ଶ ପୁଷ୍କରିଣୀ, ଜଳବିଭାଜିକା ପ୍ରକଳ୍ପ, ଜଳଅମଳ ପ୍ରକଳ୍ପ, ଆଡିବନ୍ଧ, ଚେକ୍ ଡ୍ୟାମ୍ ପରି ଏକାଧିକ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ତ୍ରୁଟିପୂର୍ଣ୍ଣ ପରିଯୋଜନା ଏବଂ କ୍ରିୟାନ୍ୱୟନରେ ଚରମ ଦୁର୍ନୀତି କରି ସରକାରୀ ଟଙ୍କା ବାଟମାରଣା ହେଉଥିବାରୁ ସଂପୃକ୍ତ ଯୋଜନାର ସୁଫଳ ଲୋକେ ପାଇପାରୁ ନାହାନ୍ତି। ଯାହାଫଳରେ ଜନସାଧାରଣଙ୍କ ଜଳ ଚାହିଦା ପୂରଣ ହୋଇପାରୁନାହିଁ। ଅପର ପକ୍ଷରେ ସରକାର ପାରମ୍ପାରିକ ଜଳଉତ୍ସଗୁଡିକର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ଓ ପଙ୍କୋଦ୍ଧାର ପାଇଁ ଫଳପ୍ରସୂ ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ କାହିଁ କେଉଁ ଯୁଗରୁ ବର୍ଷବର୍ଷ ଧରି ଜନସାଧାରଣ ଏବଂ ଅନ୍ୟ ଜୀବଜନ୍ତୁମାନଙ୍କୁ ଜଳଦାନ କରିବା ସହିତ ଫସଲକୁ ମରୁଡ଼ି ଦାଉରୁ ରକ୍ଷାକରି ଜନସାଧାରଣଙ୍କୁ ଖାଦ୍ୟ ନିରାପତ୍ତା ପ୍ରଦାନ କରି ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେଉଥିବା ବନ୍ଧ, କଁଟା, ମୁଡା, ଘାଘରା ଆଦି ଜଳାଶୟର ଅସ୍ତିତ୍ୱ ଏବେ ଘୋର ସଙ୍କଟରେ ରହିଛି। ବର୍ଷାଜଳ ସଂରକ୍ଷଣର ସର୍ବପ୍ରଥମ ଓ ପ୍ରାଚୀନ ପରମ୍ପରା ବୋଲି କୁହାଯାଉଥିବା ଅନେକ ଜଳାଶୟ ଧୀରେଧୀରେ ନିଶ୍ଚିହ୍ନ ହେବାରେ ଲାଗିଛି। ରେଙ୍ଗାଲି ବ୍ଲକରେ ଏହାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ବର୍ଷ ବର୍ଷ ହେଲା ପଙ୍କୋଦ୍ଧାର କରାଯାଇନାହିଁ। ଅଧିକାଂଶ ବନ୍ଧ, କଁଟାଗୁଡିକର ସ୍ଥିତି ବିପନ୍ନ ହୋଇ ଅର୍ଦ୍ଧଜୀବିତ ଅର୍ଦ୍ଧମୃତ ଅବସ୍ଥାରେ ପଡ଼ି ରହିଥିବାରୁ ଗ୍ରୀଷ୍ମଋତୁରେ ଅନେକ ଜଳାଶୟ ଶୁଖିଲା ରହୁଛି। କେତେକରେ ପାଣି ରହୁଥିଲେ ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏହି ସମସ୍ୟା ଧନୀକ ଶ୍ରେଣୀର ଲୋକଙ୍କୁ କିଛି ଫରକ୍ ପଡୁ ନଥିବା ବେଳେ ସ୍ନାନ ଶୌଚାଦି ପାଇଁ ବନ୍ଧକଟା ପୋଖରୀ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଥିବା ଜନସାଧାରଣ ଏବଂ ପଶୁପକ୍ଷୀମାନଙ୍କ ପାଇଁ ବହୁତ କଷ୍ଟଦାୟକ ହୋଇପଡୁଛି।



ବର୍ଷାଜଳକୁ ସଂରକ୍ଷଣ କରି ରଖିବାର ପ୍ରାଚିନ ପରମ୍ପରା ପ୍ରତି ଚରମ ଅବହେଳା ଯୋଗୁ ଜଳଉତ୍ସଗୁଡିକର ଦ୍ରୁତ ଅବକ୍ଷୟ ହୋଇ ନିୟମିତ ବ୍ୟବଧାନରେ ମରୁଡ଼ି ସମସ୍ୟା ତଥା ଗ୍ରୀଷ୍ମ ଋତୁ ଆରମ୍ଭ ନ ହେଉଣୁ ଜଳାଶୟ ଶୁଖିଯାଇ ଲୋକେ ସ୍ନାନ ଶୌଚ ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଥିବାର ଦେଖାଦେଉଛି ଏବଂ ଗ୍ରୀଷ୍ମଋତୁରେ ଜଳସଙ୍କଟ ସମସ୍ୟା ବର୍ଷକୁ ବର୍ଷ ଗମ୍ଭୀର ଆକାର ଧାରଣ କରିବାରେ ଲାଗିଛି। ରାଜାରାଜୁଡା ଅମଳରେ ପୁଣ୍ୟ ଅର୍ଜନ ପାଇଁ ଲୋକେ ପୋଖରୀ ଖନନ କରୁଥିଲେ କିନ୍ତୁ ଏବେ ବସ୍ତୁବାଦରେ ଆକ୍ରାନ୍ତ ହୋଇ ପ୍ରାଚୀନ କାଳରୁ ଥିବା ଜଳଉତ୍ସକୁ ପୋତି ଦେଇ ସେଠାରେ ବିଳାଶମୟ କୋଠା ନିର୍ମାଣ କରିବାକୁ ଲୋକେ ତିଳେମାତ୍ର କୁଣ୍ଠା ପ୍ରକାଶ କରୁନାହାନ୍ତି। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ପୋଖରୀ ସଂସ୍କୃତି ପ୍ରତି ଅବିଚାର ଓ ଅବହେଳା କରାଯାଉଥିବା ଦେଖିବାକୁ ମିଳୁଛି। ସରକାର ଏ ଦିଗରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ସମୟବଦ୍ଧ ଫଳପ୍ରସୂ ଯୋଜନା ମାଧ୍ୟମରେ ପାରମ୍ପାରିକ ଜଳଉତ୍ସଗୁଡିକର ପୁନରୁଦ୍ଧାର କରି ସୁରକ୍ଷା ନକଲେ ଆଗାମୀ କିଛି ବର୍ଷ ପରେ ବହୁ ଜଳଉତ୍ସ ଲୋପ ପାଇଯିବା ନିଶ୍ଚିତ। ଜଳଉତ୍ସଗୁଡିକ ବିଲୁପ୍ତିର ଦ୍ୱାର ଦେଶରେ ଉପନୀତ କିନ୍ତୁ କ୍ଷୋଭର ବିଷୟ ଯେ ପାରମ୍ପରିକ ଜଳଉତ୍ସଗୁଡିକର ପୁନରୁଦ୍ଧାର ପାଇଁ ସରକାର ଯେଭଳି ଗୁରୁତ୍ୱ ଦେବା କଥା ଦେଉ ନାହନ୍ତି। ବରଂ ଗଭୀର ନଳକୂପ ଖନନ ପାଇଁ ପ୍ରୋତ୍ସାହନ ଦେବା ଫଳରେ ଭୂତଳ ଜଳସ୍ତର କୁ ଆହୁରି ପାତାଳଗାମୀ କରି ଦିଆଯାଉଛି। ରେଙ୍ଗାଲି ବ୍ଲକ୍ ଏକ ଶିଳ୍ପ ସମୃଦ୍ଧ ଅଞ୍ଚଳ। ଏହି ବ୍ଲକରେ ଥିବା ବହୁରାଷ୍ଟ୍ରୀୟ କମ୍ପାନୀର ଖଣି ଖାଦାନ କଳକାରଖାନାଗୁଡିକର ପାରିପାର୍ଶ୍ୱିକ ବିକାଶ ପାଣ୍ଠିରୁ ଅଞ୍ଚଳର ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ଜଳାଶୟଗୁଡିକର ପୁନରୁଦ୍ଧାର କରାଯିବା ପାଇଁ ପଦକ୍ଷେପ ନିଆଗଲେଏହି ସମସ୍ୟାର ଏକ ପ୍ରକାର ସ୍ଥାୟୀ ପ୍ରତିକାର ହୋଇପାରନ୍ତା ବୋଲି ସଚେତନ ନାଗରିକ ମହଲରେ ଦାବୀ ହେଉଛି। ଅବଶ୍ୟ ଗତ ବର୍ଷ କେତେକ ଶିକ୍ଷାନୁଷ୍ଠାନ କେତେକ ଅଞ୍ଚଳରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବନ୍ଧକଟା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରିଥିବାର ଦେଖିବାକୁ ମିଳିଥିଲା। ତେବେ ଏହା ଯଥେଷ୍ଟ ନୁହେଁ। ଏନେଇ ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯାଇ ବ୍ଲକ୍ ପ୍ରତି ପଞ୍ଚାୟତ ଅଞ୍ଚଳରେ ଦୟନୀୟ ସ୍ଥିତିରେ ଥିବା ପାରମ୍ପାରିକ ଜଳାଶୟର ପୁନଃରୁଦ୍ଧାରର ଅବଶ୍ୟକତା ରହିଛି ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଉଛି।

### କାମକରୁନି ଟାଟା ସୌର ଜଳ ପ୍ରକଳ୍ପ

## ପାଣି ପାଇଁ ତିନୋଟି ସାହି ଲୋକେ ହନ୍ତସନ୍ତ

**ହରଭଙ୍ଗା:** ଦିନକୁ ଦିନ ତାପମାତ୍ର ବୃଦ୍ଧି ପାଇବାରେ ଲାଗିଛି। କୂଅ, ନଳକୂପ, ପୋଖରୀ, ନଦୀ, ନାଳ ଭଳି ଜଳାଶୟ ଉତ୍ସଗୁଡିକରୁ ଜଳପତନ ହ୍ରାସ ଯୋଗୁଁ ପ୍ରାୟତଃ ସବୁ ସ୍ଥାନରେ ପିଇବା ପାଣି ସମସ୍ୟା ମୁଣ୍ଡ ଟେକିଛି। ସରକାର ଲୋକଙ୍କୁ ପାନୀୟ ଜଳ ଭଳି ମୌଳିକ ସୁବିଧା ଯୋଗାଇବା ପାଇଁ ମାଳ ମାଳ ପ୍ରକଳ୍ପ ନିର୍ମାଣ କରିବା ସତ୍ତ୍ୱେ ସେଗୁଡିକ ଖରାମାସର ନିଅଣ୍ଟିଆ ସମୟରେ ବହୁସ୍ଥାନରେ କାମକରୁ ନ ଥିବାରୁ ପିଇବା ପାଣି ସମସ୍ୟା ଯଥା ପୂର୍ବମ୍ ତଥା ପରମ୍ ସ୍ଥିତିରେ ରହିଛି। କିଛି ଏଭଳି ସମସ୍ୟା ଦେଖାଦେଇଛି ହରଭଙ୍ଗା ବ୍ଲକରେ।



ପ୍ରକାଶ ଯେ, ବ୍ଲକର ଆଦିବାସୀ/ଦଳିତ ବର୍ଗର ପଂଚାୟତ ଭାବେ ଜଣାଶୁଣା ଛତ୍ରଙ୍ଗ ପଂଚାୟତର ୧୩ନଂ ଓ୍ୱାର୍ଡ ଅନ୍ତର୍ଗତ ବଡଗଣ୍ଡୁରି ସାହିର ମଲ୍ଲିକ ସାହି, ହରିଜନସାହି ଏବଂ କୋଲୋନୀ ସାହି ଲୋକଙ୍କ ପିଇବା ପାଣି ସୁବିଧା ନିମନ୍ତେ ତିନି ବସ୍ତିରେ ତିନୋଟି ଟାଟା ସୌର ଜଳ ଯୋଗାଣ ପ୍ରକଳ୍ପ ରହିଛି। ଏଥିରୁ ମଲ୍ଲିକ ସାହି, କୋଲନୀ ସାହି, ଝାରଖମଣ ସାହି ଭଳି ତିନୋଟି ସାହିର ଟାଟା ସୌର ପ୍ରକଳ୍ପ ଦୀର୍ଘ ଛଅମାସ ହେଲା ଅଚଳ ହୋଇପଡ଼ିବାରୁ ଦୁଇ ବସ୍ତିର ଦୁଇଶହରୁ ତିନଶହ ଲୋକେ ପିଇବା ପାଣି ଟୋପାଏ ପାଇଁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା ବସ୍ତିର ଭାର୍ଜନ ନାଏକ, ବିଶ୍ୱାମିତ୍ର ବେହେରା, ନିମାଁଇ ପାତ୍ର, ସୁଜନ ବେହେରା, ଅର୍ଜ୍ଜୁନ ନାଏକ, ଲଳିତ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ଦାବି ହେଉଛି।

# କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁନଃ ନିଯୁକ୍ତି ପାଇବେ ବହିଷ୍କୃତ କର୍ମଚାରୀ

ମୋହନା: ଗଜପତି ଜିଲ୍ଲା ମୋହନା ସ୍ଥିତ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ମହାମାରୀ କରୋନା ସମୟରେ ବିଦ୍ୟାଳୟ ସଂପାଦକ ଦଣ୍ଡାସି ସାହୁ ୮ ଜଣ କର୍ମଚାରୀଙ୍କୁ ସେମାନଙ୍କର ବକେୟା ଦରମା ନ ଦେଇ ଅନ୍ୟାୟ ଭାବେ ବହିଷ୍କୃତ କରିଥିଲେ। ଏ ନେଇ ବହିଷ୍କୃତ କର୍ମଚାରୀମାନେ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ରାଜନୈତିକ ଚାପରେ କେବଳ ଜିଲ୍ଲା ପ୍ରଶାସନ ଚିଠି କରି ଦେଇ କାମ ସାରିଦେଇଥିଲେ। ଗଜପତି ଉପ ଜିଲ୍ଲାପାଳ ତଦନ୍ତ କରି ବହିଷ୍କୃତ କର୍ମଚାରୀ ମାନେ ଦରମା ପାଇବାକୁ ରିପୋର୍ଟ ଦେଇଥିଲେ ମଧ୍ୟ




ସଂପାଦକ କାହାକୁ ଦରମା ଦେଇନଥିଲେ କି ଜିଲ୍ଲା ପ୍ରଶାସନ ରିପୋର୍ଟକୁ ବେଖାତିର କରିଥିଲେ। ବକେୟା ଦରମା ପ୍ରଦାନ ଓ ପୁନଃ ନିଯୁକ୍ତି ନେଇ ବହିଷ୍କୃତ କର୍ମଚାରୀ ସୁନିଲ କୁମାର ସ୍ୱାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ।

ଉଚ୍ଚ ନ୍ୟାୟାଳୟ ଏହି ମାମଲାରଶୁଣାଣି କରି ଜିଲ୍ଲାପାଳ ଗଜପତି, ଉପଜିଲ୍ଲାପାଳ ଗଜପତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ବିଦ୍ୟାଳୟର ସଂପାଦକ ଦଣ୍ଡାସି ସାହୁଙ୍କୁ ନୋଟିସ କରିଥିଲେ। କୋର୍ଟ ସୁନିଲ କୁମାର ସ୍ୱାଇଁଙ୍କୁ ପୁନଃ ନିଯୁକ୍ତି ଓ ୩ ମାସ ମଧ୍ୟରେ ତାଙ୍କର ବକେୟା ସମସ୍ତ ଦରମା ପ୍ରଦାନ କରିବାକୁ ଜିଲ୍ଲାପାଳ ଓ ବିଦ୍ୟାଳୟ ସଂପାଦକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଂପାଦକଙ୍କ ଜାଲି କାଗଜପତ୍ର ଓ ମିଥ୍ୟା ରିପୋର୍ଟକୁ ଉଚ୍ଚ ନ୍ୟାୟାଳୟ ଆଗ୍ରାହ୍ୟ କରିଦେଇଛନ୍ତି।

# ନିର୍ମାଣ ହେବ ନୂତନ ଶଗଡିଆ ପୋଲ, ଆରମ୍ଭହେଲା ମାଟି ପରୀକ୍ଷା

ହରଭଙ୍ଗା: ହରଭଙ୍ଗା-ଛତ୍ରଙ୍ଗ ପୂର୍ତ୍ତବିଭାଗ ରାସ୍ତାର ଧର୍ମନଗର ଠାରେ ରହିଥିବା ଶଗଡିଆ ନାଳ ଉପରେ ନୂତନ ପୋଲ ନିର୍ମାଣ କରାଯିବ। ଏଥିପାଇଁ ମାଟି ପରୀକ୍ଷା ପାଇଁ ଏକ ଟିମ ସେଠାରେ ପଂହଚି ଉକ୍ତ କାର୍ଯ୍ୟ ଆରମ୍ଭ କରିଛି।ପ୍ରକାଶ ଯେ ଶଗଡିଆ ନାଳ ଉପରେ ୩୦ବର୍ଷ ତଳେ ଏକ ପୋଲ ନିର୍ମାଣ ହୋଇଥିଲା। ଉକ୍ତ ପୋଲଟି ଦବି ଯିବା ସହିତ ବର୍ଷା ଦିନେ ପୋଲ ଉପରେ ପାଣି ଚାଲିବା ସହିତ ଯାତାୟତ ବାଧାପ୍ରାପ୍ତ ହୋଇଥାଏ।

ଏହା ସହିତ ବୁଲାଣି ରାସ୍ତା ସାଙ୍ଗକୁ ଅଣଓସାରିଆ ପୋଲରେ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ନୂତନ ପୋଲ ନିର୍ମାଣ ପାଇଁ ବହୁବାର ଦାବି ହୋଇଆସୁଛି। ନୂତନ ପୋଲ ନିର୍ମାଣ ଆବଶ୍ୟକତା କଥାକୁ ପୂର୍ତ୍ତବିଭାଗ ହୃଦୟଙ୍ଗମ କରିବା ସହିତ ଏହାର ନିର୍ମାଣ କାର୍ଯ୍ୟ ପାଇଁ ପ୍ରାରମ୍ଭିକ ଖସଡା ହାତକୁ ନେଇ ମାଟି ପରୀକ୍ଷା କରାଯାଉଛି। ଏ ସମ୍ପର୍କରେ ବୌଦ୍ଧ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ପ୍ରଭାତ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ ମାଟି ପରୀକ୍ଷା ପରେ ଏହାର ଡିଜାଇନ ତିଆରି କରାଯିବ। ଏହାପରେ ନୂତନ ପୋଲ ନିର୍ମାଣ ପାଇଁ ବ୍ୟୟଅଟକଳ ଧାର୍ଯ୍ୟ ହେବ।

### ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା

# ସୁଦୃଢ ହେଉଛି ଭିତ୍ତିଭୂମି, ଦୁର୍ବଳ ହେଉଛି ରୋଗୀସେବା

ଆଠଗଡ଼: କଟକ ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ସର୍ବବୃହତ ଉପଖଣ୍ଡ ମୁଖ୍ୟ ଦପ୍ତରରେ ଥିବା ଉପଖଣ୍ଡ ଡାକ୍ତରଖାନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଭିତ୍ତିଭୂମି ବିକାଶ ଚାଲିଛି ହେଲେ ଉତ୍ତମ ସ୍ୱାସ୍ଥ୍ୟସେବା ଏଠାରେ ସ୍ୱପ୍ନ ହୋଇ ରହିଛି। କଟକ ଜିଲ୍ଲାର ତଥା ଓଡ଼ିଶାର ସର୍ବାଧିକ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପରେ ଜିଲ୍ଲାରେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ୨ୟ ସ୍ଥାନରେ ରହିବ। ଏହି ଡାକ୍ତରଖାନା ଉପରେ ଆଠଗଡ଼ ଉପଖଣ୍ଡର ୪ଟି ଯାକ ବ୍ଲକ ସହିତ ସୀମାବର୍ତ୍ତୀ ଢେଙ୍କାନାଳ ଜିଲ୍ଲାର ପ୍ରାୟ ୮ଟି ପଞ୍ଚାୟତ ଏବଂ ବାଙ୍କୀ ଉପଖଣ୍ଡର ୮ଟି ପଞ୍ଚାୟତର ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ ଲୋକ ନିର୍ଭରଶୀଳ। ଏବେ ପ୍ରତିଦିନ ବହିର୍ବିଭାଗକୁ ଅତିକମ୍‌ରେ ୩୫୦-୪୦୦ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ଏଠାରେ ସର୍ବନିମ୍ନ ଉତ୍ତମ ଚିକିତ୍ସା ମିଳିପାରୁନଥିବାରୁ ଗରିବଗୁରୁବା ରୋଗୀ ବାଧ୍ୟ ହୋଇ କଟକ, ଭୁବନେଶ୍ୱର ଓ ଢେଙ୍କାନାଳ ଆଦି ଅଞ୍ଚଳରେ ଥିବା ସରକାରୀ ଓ ଘରୋଇ ଡାକ୍ତରଖାନା ଯିବାକୁ ବାଧ୍ୟ ହେଉଛନ୍ତି। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଏବେ କୋଟି କୋଟି ଟଙ୍କା ବ୍ୟୟରେ ବହୁ ଅଟ୍ଟାଳିକା ନିର୍ମାଣ ଚାଲିଛି। କୋଭିଡ ଚିକିତ୍ସାଳୟ ନାମରେ ଏକ ୫୦ଶଯ୍ୟା ବିଶିଷ୍ଟ ପାଞ୍ଚ ମହଲା ବହୁତଳ ଅଟ୍ଟାଳିକା ପ୍ରାୟ ୧୨.୮୬କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି। ଆଉ ଏକ ବହିର୍ବିଭାଗ ଓ ଆନ୍ତଃବିଭାଗ ରୋଗୀ ଚିକିତ୍ସା ପାଇଁ ୫୦ ଶଯ୍ୟା ବିଶିଷ୍ଟ ଅଟ୍ଟାଳିକା ପ୍ରାୟ ୨.୫୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଆଠଗଡ଼ ଡାକ୍ତରଖାନାରେ ଅନୁମୋଦିତ ୭୦ଶଯ୍ୟା ବର୍ତ୍ତମାନ ରହିଥିବାବେଳେ ବାସ୍ତବ କ୍ଷେତ୍ରରେ ଏହି ଶଯ୍ୟା ସଂଖ୍ୟା ୧୦ଟି କ୍ୟାବିନ୍‌କୁ ମିଶାଇ ୧୦୩ ଥିବା ଅଧିକ୍ଷକ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ସୂତ୍ରରୁ ପ୍ରକାଶ। ଏକଦା ଏହି ୧୦୩ ଶଯ୍ୟା ରୋଗୀମାନଙ୍କ ଚିକିତ୍ସା ପାଇଁ ରହୁଥିବାବେଳେ ଅଧିକ ରୋଗୀଙ୍କ ପାଇଁ ଶଯ୍ୟା ଅଭାବ ଦେଖାଯାଉଥିଲା। କିନ୍ତୁ ଡାକ୍ତର ଓ ଉନ୍ନତ ଚିକିତ୍ସା ଅଭାବରୁ ବର୍ତ୍ତମାନ ଅଧାରୁ ଅଧିକ ଶଯ୍ୟା ଖାଲି ପଡ଼ିରହୁଛି। ଆଠଗଡ଼ ଡାକ୍ତରଖାନାରେ ସରକାରଙ୍କର ଅନୁମୋଦିତ ୩୯ ଡାକ୍ତର ପଦବୀ ରହିଥିବାବେଳେ ସେଥିମଧ୍ୟରୁ ଏବେ ମାତ୍ର ୧୭ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦୀର୍ଘ ଛୁଟିରେ ରହିଥିବାବେଳେ ଅନ୍ୟଜଣେ ଏଠାରେ ନିଯୁକ୍ତ ହୋଇ କଟକ ଏସସିବି ମେଡିକାଲ କଲେଜରେ କାର୍ଯ୍ୟ କରୁଥିବାରୁ ବାସ୍ତବ କ୍ଷେତ୍ରରେ ୧୫ଜଣ କାର୍ଯ୍ୟ କରୁଛନ୍ତି। ଆହୁରି ୨୨ଡାକ୍ତର ପଦବୀ ଖାଲିପଡ଼ିଛି। ସେହିପରି ୪୧ଟି ସେବିକା ପଦବୀ ମଧ୍ୟରୁ ଏବେ ମାତ୍ର ୨୦ଜଣ ନିଯୁକ୍ତ ହୋଇ କାର୍ଯ୍ୟ କରୁଛନ୍ତି। ଅନ୍ୟାନ୍ୟ ପଦବୀ ବହୁସଂଖ୍ୟାରେ ଖାଲିପଡ଼ିଥିବାବେଳେ ସେଥିରୁ କେତେକ ପଦବୀରେ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏଠାରେ ୩ଜଣ ଶିଶୁରୋଗ ବିଶେଷଜ୍ଞଙ୍କ ସ୍ଥାନରେ ମାତ୍ର ଜଣେ, ୨ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ, ୧ଜଣ ଚୁକ୍ତିଭିତ୍ତିରେ ନିଯୁକ୍ତ ଶଲ୍ୟ ବିଶେଷଜ୍ଞ, ୨ଟି ଦନ୍ତରୋଗ ବିଶେଷଜ୍ଞଙ୍କ ସ୍ଥାନରେ ଜଣେ, ଅସ୍ଥିଶଲ୍ୟ ବିଶେଷଜ୍ଞ ପଦରେ ଜଣେ ଚୁକ୍ତିଭିତ୍ତିକ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଏହି ଡାକ୍ତରଖାନାରେ ପ୍ରାୟ ୩ବର୍ଷ ହେବ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭେଷଜ (ମେଡିସିନ) ବିଶେଷଜ୍ଞ ପଦବୀ, ୬ବର୍ଷ ହେବ ଚକ୍ଷୁରୋଗ ବିଶେଷଜ୍ଞ ପଦବୀ, ୨ଟି ଶିଶୁରୋଗ ବିଶେଷଜ୍ଞ ପଦବୀ, ଗୋଟିଏ ନିଶ୍ଚେତକ ବିଶେଷଜ୍ଞ, ଗୋଟିଏ ନିଦାନ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବାରୁ ରୋଗୀସେବା ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ୬୫ନମ୍ବର ରାଜ୍ୟ ରାଜପଥ ଓ ୫୫ନମ୍ବର ଜାତୀୟ ରାଜପଥରେ ପ୍ରାୟ ପ୍ରତିଦିନ ଦୁର୍ଘଟଣା ଘଟୁଥିବାବେଳେ ଦୁର୍ଘଟଣାରେ ଆହତଙ୍କୁ ଏଠାରେ ସବୁବେଳେ ପ୍ରାଥମିକ ଚିକିତ୍ସା କରାଯାଇ କଟକ ପଠାଇଦିଆଯାଉଛି। ସେହିପରି ନିଶ୍ଚେତକ ବିଶେଷଜ୍ଞ ନଥିବାରୁ କୌଣସି ଅସ୍ତ୍ରୋପଚାର ବିଶେଷକରି ପ୍ରସୂତୀ ଜନିତ ଅସ୍ତ୍ରୋପଚାର କରାଯାଇପାରୁନାହିଁ। ଏପରିକି ବଥଟିଏ ମଧ୍ୟ କାଟିବା ପାଇଁ ବିଶେଷଜ୍ଞ ଡାକ୍ତର ଅମଙ୍ଗ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏଠାରେ ମୁଖ୍ୟଦପ୍ତରରେ ପ୍ରାୟ କୌଣସି ବିଶେଷଜ୍ଞ ଡାକ୍ତର ନରହି କଟକ ଓ ଭୁବନେଶ୍ୱରରୁ ଯିବାଆସିବା କରୁଛନ୍ତି। ତାହା ପୁଣି ପାଳିରେ ଆସୁଥିବା ଜଣାପଡ଼ିଛି। ଅର୍ଥାତ୍ ଜଣେ ବିଶେଷଜ୍ଞ ଡାକ୍ତର ସପ୍ତାହକୁ ମାତ୍ର ୨-୩ଦିନ ଆସି ଲଗାତାର ୩ ଓଳି କର୍ତ୍ତବ୍ୟ କରି ଚାଲିଯାଉଛନ୍ତି। ସପ୍ତାହର ଅନ୍ୟ ଦିନଗୁଡିକରେ ସେମାନଙ୍କୁ ଏଠାରେ ଦେଖିବାକୁ ମିଳେନାହିଁ। ଆଠଗଡ଼ ଡାକ୍ତରଖାନାରେ ଚକ୍ଷୁରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟରତ ଡାକ୍ତରଙ୍କର ପ୍ରାୟ ୬ବର୍ଷ ପୂର୍ବରୁ ଏଠାରୁ ବଦଳି ହେବା ପରେ ସେହି ପଦବୀ ଖାଲି ପଡ଼ିଛି। ଚକ୍ଷୁ ଚିକିତ୍ସାଳୟରେ ଥିବା ଚକ୍ଷୁ ସହାୟକ (ଅପଥାଲମିକ୍) ଗତ ମାର୍ଚ୍ଚ ୩୧ରେ ଅବସର ଗ୍ରହଣ କରିବା ପରେ ଏଠାରେ ଚକ୍ଷୁ ଚିକିତ୍ସା କଥା ଛାଡନ୍ତୁ ଚକ୍ଷୁ ପରୀକ୍ଷା ମଧ୍ୟ କରାଯାଇପାରୁନାହିଁ। ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ଉପରେ ୫ଲକ୍ଷରୁ ଉର୍ଦ୍ଧ ଲୋକ ନିର୍ଭରଶୀଳ ଥିବାରୁ ଏହି ଡାକ୍ତରଖାନାରେ ଆବଶ୍ୟକୀୟ ଡାକ୍ତର ପଦବୀ ବିଶେଷକରି ଅତିକମ୍‌ରେ ଜଣେ ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ନିଶ୍ଚେତକ ବିଶେଷଜ୍ଞ ଓ ଚକ୍ଷୁ ବିଶେଷଜ୍ଞ ସହିତ ଅନ୍ୟାନ୍ୟ ପଦବୀ ପୂରଣ ଦିଗରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟର ବରିଷ୍ଠ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି।



## ଜବରଦଖଲରେ ସର୍ବସାଧାରଣ ରାସ୍ତା, କାର୍ଯ୍ୟାନୁଷ୍ଠାନ ଦାବି

ଚୌଦ୍ୱାର: ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଚାରବାଟିଆ ହାଉସିଂବୋର୍ଡ ଫେଜ୍-୨ର ଜନ ଗହଳିପୂର୍ଣ୍ଣ ସର୍ବସାଧାରଣ ଯାତାୟତ ରାସ୍ତାକୁ ଜନୈକ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ହାଉସିଂ ବୋର୍ଡ ଫେଜ-୨ରେ ପ୍ରତି ଲାଇନ୍‌ରେ ହାଉସିଂ ବୋର୍ଡ ଘରତିଆରି ସମୟରେ ଲୋକ ମାନଙ୍କ ବ୍ୟବହାର ପାଇଁ ୩୦ଫୁଟ ଓସାରର ରାସ୍ତା ତିଆରି କରାଯାଇଥିଲା।ହେଲେ ପରବର୍ତ୍ତୀ ସମୟରେ କିଛି ସ୍ଥାନୀୟ ବାସିନ୍ଦା ରାସ୍ତାକୁ ଜବର ଦଖଲ କରି ତା ଉପରେ ଘର ଓ ପାଚେରୀ ଆଦି ନିର୍ମାଣ କରି ଦେଇଥିବା ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ରାସ୍ତା ପାଖରେ ରହୁଥିବା ଜନୈକ ବ୍ୟକ୍ତି ଉକ୍ତ ରାସ୍ତାକୁ ଜବରଦଖଲ କରି ପାଖାପାଖି ୧୫ଫୁଟ ଜାଗା ନିଜ ଅକ୍ତିଆରରେ ରଖିଛନ୍ତି। ରାସ୍ତାର ଉକ୍ତ ସ୍ଥାନଟି ଏକ ୪ଛକି ଜାଗା ହୋଇଥିବା ବେଳେ ଉକ୍ତ ରସ୍ତାରେ ଯାଉଥିବା ଗାଡ଼ି ମଟର ବିଭିନ୍ନ ଦିଗକୁ ଯିବାପାଇଁ ପର୍ଯ୍ୟାପ୍ତ ସ୍ଥାନର ଦରକାର ହୋଇଥାଏ। ସେହି ସ୍ଥାନରେ ରାସ୍ତାର କିଛି ଜାଗା ଉକ୍ତ ବ୍ୟକ୍ତି ଜଣକ ଜବର ଦଖଲ କରିନେଇଥିବାରୁ ରାସ୍ତାଟି ସଂକୀର୍ଣ୍ଣ ହୋଇ ଦୈନିକ ଛୋଟ ବଡ ଦୁର୍ଘଟଣା ଘଟିବା ସହିତ ସାଧାରଣଙ୍କ ଯାତାୟତରେ ଘୋ ଅସୁବିଧା ସୃଷ୍ଟି ହେଉଛି।ଏନେଇ ୱାର୍ଡର ଲୋକେ ତାଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ସେ ଲୋକଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁ ନଥିବା ଓ ଓଲଟି ସେ ଲୋକ ମାନଙ୍କୁ ଗାଳିଗୁଲଜ କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଦିଲ୍ଲିପ କୁମାର ଭୁୟାଁ, ଶ୍ରାବଣୀ ରାୟ, ସରିତା ସାମନ୍ତରାୟ, ଅର୍ନ୍ତର୍ଯ୍ୟାମୀ ମଲ୍ଲିକ, ବିବେକାନନ୍ଦ ଦାସ, କମଲ ସ୍ୱାଇଁ, ଅଶୋକ ପରିଜା, ପ୍ରତାପ କୁମାର ମହାନ୍ତିଙ୍କ ସମେତ ବହୁ ୱାର୍ଡବାସୀ ଘଟଣା ସମ୍ପର୍କରେ କଟକ ଜିଲ୍ଲାପାଳ, ୫-ଟି ସଚିବ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଓ ପୌରନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ରାସ୍ତା ଅବରୋଧ ହଟାଇବାକୁ ଅନୁରୋଧ କରିଛନ୍ତି। ଜବର ଦାଖଲକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଧାରଣା ଦିଆଯିବ।

### ଦୁର୍ଗମ ଗାଁକୁ ନାହିଁ ରାସ୍ତା

# ଗାଁକୁ ପହଞ୍ଚିପାରୁନି ବିକାଶ

**ହରଭଙ୍ଗା :** ସ୍ୱାଧିନତାର ୭୫ବର୍ଷପୂର୍ତ୍ତୀ ଅବସରରେ ଦେଶ ଅମୃତ ମହୋତ୍ସବ ପାଳନ କରୁଛି। ଡିଜିଟାଲ ଇଂଣ୍ଡିଆ ,ମେକ ଇନ ଇଂଣ୍ଡିଆ ଭଳି କାର୍ଯ୍ୟକ୍ରମ ହେଉଛି। ଗାଁରେ ଆଉ ମାଟି ରାସ୍ତା ଦେଖିବାକୁ ମିଳୁନି। ସହରପରି ରାସ୍ତା ,ଘାଟ ଠାରୁ ଆରମ୍ଭ କରି ସ୍କୁଲ,କଲେଜ ସବୁ ରଙ୍ଗୀନ ଦିଶିଲାଣି। ଆଧୁନିକତା ଛାପରେ ସମସ୍ତେ ରଙ୍ଗୀନ ହେଉଥିବାବେଳେ ଦୁର୍ଗମ ଅଂଚଳରେ ସବୁ କିଛି ବିପରୀତ। ଦେଶ ସ୍ୱାଧିନତାର ବହୁବର୍ଷ ପରେ ମଧ୍ୟ ଶିକ୍ଷା , ସ୍ୱାସ୍ଥ୍ୟ ,ପାନୀୟଜଳ, ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଗାଁ ଲୋକଙ୍କ ପାଇଁ ଆଜି ମଧ ସ୍ୱପ୍ନ ପାଲଟିଛି। ଏମିତି ଏକ ଗାଁ ରହିଛି ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଂଚାୟତର ଡିଗପଦର ଗାଁ। ବ୍ଲକ ଏବଂ ପଂଚାୟତ ସଦରମହକୁମାଠାରୁ ୮ କିଲୋମିଟର ଦୂରରେ ରହିଛି ଏହି ଗାଁ। ବାଣୀଭୁଷଣପୁର ପଂଚାୟତ ସଦରମହକୁମାରୁ ଖୋର୍ଦ୍ଧା -ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥରେ ୫କିଲୋମିଟର ଗଲାପରେ ସେଠାରୁ ୩କିଲୋମିଟର ଭିତରେ ଜଙ୍ଗଲ ,ପାହାଡ ରାସ୍ତା ସାଙ୍ଗକୁ ସୁରୁବାଲି ନାଳ ଅତିକ୍ରମ କଲେ ପଡେ ଡିଗପଦର ଗାଁ।



ପଂଚାୟତର ୧୦ନଂୱାର୍ଡ ଅର୍ନ୍ତଗତ ଡିଗପଦର ଗାଁରେ ୩୦ଟି ଆଦିବାସୀ ପରିବାର ବସବାସ କରନ୍ତି। କାହିଁ କେଉଁ କାଳରୁ ଏମାନେ ଏଠାରେ ବସତି ସ୍ଥାପନ କରି ଚାଷବାସ କରି ଜୀବିକାନିର୍ବାହ କରିଆସୁଛନ୍ତି। ଚାଷ,ବାସ ଏମାନଙ୍କ ମୁଖ୍ୟ ଜୀବିକା। ଧାନ,ହଳଦୀ,ସୋରିଷ ଚାଷ ଭଲ ହେଉଥିଲେ ମଧ ଯାତାୟତ ସୁବିଧା ନଥିବାରୁ ଏସବୁ ବିକ୍ରୀ କରିବା ପାଇଁ ଗାଁ ଲୋକେ ବହୁବିଧି ଅସୁବିଧା ଭୋଗିଥାନ୍ତି।

ଗାଁକୁ ସାମାନ୍ୟ ପାଦଚଲା ରାସ୍ତା ଖଣ୍ଡିଏ ନାହିଁ। ରାସ୍ତା ସମସ୍ୟା ଯୋଗୁଁ ଭତା, ଚାଉଳ ପାଇଁ ଏମାନଙ୍କୁ ଗୋଟିଏ ଦିନ ପରିଶ୍ରମ କରିବାକୁ ପଡେ। ବର୍ଷାଦିନେ ନାଳରେ ବନ୍ୟାପାଣି ଯୋଗୁଁ ରୋଗୀକୁ ମେଡିକାଲ ନେବା କଷ୍ଟକର ହୋଇପଡେ। ବର୍ଷାଦିନେ ଗାଁକୁ ଯୋଗାଯୋଗ ବିଛିନ୍ନ ହୋଇପଡିଥାଏ। ଫଳରେ ଲୋକେ ସାମାନ୍ୟ ତେଲ, ଲୁଣ, ଭତା,ଚାଉଳ ସଂଗ୍ରହ କରି ନପାରି ବହୁ କଷ୍ଟରେ ବର୍ଷାଦିନେ ଜୀବନ ବିତାନ୍ତି।

ଅଙ୍ଗନୱାଡୀ କି ସ୍କୁଲ ଗାଁରେ ନଥିବାରୁ ଗାଁ ଠାରୁ ୩/୪କିଲୋମିଟର ଦୂରରେଥିବା କରଡାକୋଠା ସ୍କୁଲ ଏବଂ ମାର୍ଦ୍ଦୀଙ୍ଗ ଅଙ୍ଗନୱାଡୀ କେନ୍ଦ୍ର ଉପରେ ଏମାନେ ନିର୍ଭର କରନ୍ତି। ମାତ୍ର ବର୍ଷାଦିନେ ନାଳ ଅତିକ୍ରମ କରି ପିଲାଏ ସ୍କୁଲ , ଅଙ୍ଗନୱାଡୀ ଯିବା ମୁସ୍କିଲ ହୋଇପଡିଥାଏ। ପିଇବା ପାଣି ପାଇଁ ଗାଁରେ ହାତ ଗଣତି ଦୁଇଟି ନଳକୂପ ରହିଥିଲେ ମଧ ସେଥିରୁ ନାଲି ପାଣି ବାହାରୁଥିବାରୁ ତାହା ପିଇବା ଉପଯୋଗୀ ହୋଇପାରୁ ନାହିଁ ।

ଫଳରେ ଲୋକେ ପାଣି ପାଇଁ ଖରାଦିନେ ନାଳର ଚୂଆ ପାଣି ଉପରେ ନିର୍ଭର କରନ୍ତି। ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ ଗ୍ରାମବାସୀ ଗାଁକୁ ରାସ୍ତା ଖଣ୍ଡିଏ ପାଇଁ ବହୁବାର ରାଜନେତାଙ୍କ ଠାରୁ ପ୍ରଶାସନ ପାଖରେ ହାରିଗୁହାରି କଲେ ମଧ ସେମାନଙ୍କ ସମସ୍ୟା ଦୂର ହୋଇପାରୁନଥିବା ଗ୍ରାମର ସଚିନ୍ଦ୍ର ମଲ୍ଲିକ,ସମ୍ବାରୁ ଯାନୀ,ଦଶମୀ ମଲ୍ଲିକ,ପ୍ରେମଶୀଳା ଯାନୀ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ବୌଦ୍ଧ ଜିଲ୍ଲାପାଳ ଆବଶ୍ୟକୀୟ ପଦପେକ୍ଷ ଗ୍ରହଣ କରିବା ସହ ଦୁର୍ଗମ ଅଂଚଳ ଲୋକଙ୍କ ସମସ୍ୟା ଦୂରପାଇଁ ଦାବୀ ହେଉଛି।

## ସେବା ଓ ସହାୟତାରେ ମାନସିକ ଅସୁସ୍ଥ ବ୍ୟକ୍ତି

ଫୁଲବାଣୀ: କନ୍ଧମାଳ ଏକ ପଛୁଆ ଜିଲ୍ଲାରେ ଅନ୍ତର୍ଭୁକ୍ତ ଥିବା ବେଳେ ଏଠାରେ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାର ଲାଗିଛି। ଏହି ସମସ୍ୟାକୁ ଗୁରୁତର ସହ ଚିନ୍ତା କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାତୀ ଓ ବାଙ୍ଗାଲୁର ସ୍ଥିତ ବି.ଏନ୍.ଆଇର ମିଳିତ ସହାୟତାରେ ଜିଲ୍ଲା ମଧରେ ମାନସିକ ସ୍ୱାସ୍ଥ୍ୟ ପ୍ରକଳ୍ପକୁ ଗତ ଏକ ବର୍ଷ ହେବ ପରିଚାଳନା କରିଆସୁଅଛି। ଏହାର ଫଳ ସ୍ୱରୂପ ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକର ୩୦ ଗୋଟି ଗ୍ରାମପଂଚାୟତ ମଧରୁ ୭୨୯ ଜଣ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି, ସେମାନଙ୍କୁ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ କରିବା ପ୍ରୟାସ ଜାରିରହିଛି। ସେମାନଙ୍କ ମଧରୁ ୩୫୭ ଜଣ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯକ୍ରମ ଦ୍ୱାରା ଚିକିତ୍ସା ସେବା ପାଉଛନ୍ତି। ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉ ଥିବା ମାଗଣା ଔଷଧ ଓ ବିଶେଷଜ୍ଞମାନଙ୍କ ପରାମର୍ଶ ସେବା ଦ୍ୱାରା କିଛି ଯୁବକ ଆରୋଗ୍ୟ ଲାଭ କରି ନିଜ ପୂର୍ବ



ଅବସ୍ଥାକୁ ଫେରିଆସି ଅଛନ୍ତି। ଏମାନଙ୍କ ମଧରୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ଜଣେ ନାମ ଲେଖାଇ ନିଜର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ସାକାର କରିବା ସହିତ ଅନ୍ୟ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଏକ ପ୍ରେରଣା ସାଜିଛନ୍ତି। ସାଧାରଣରେ ମାନସିକ ଅସୁସ୍ଥତତାକୁ ଏକ ରୋଗ ହିସାବରେ ନ ନେଇ ବିଭିନ୍ନ ଅନ୍ଧବିଶ୍ୱାସକୁ ଆପଣେଇ ଅଧିକରୁ ଅଧିକ ସମସ୍ୟା ମଧଙ୍କୁ ଠେଲି ହୋଇଯାଉଛନ୍ତି। ଅନ୍ୟଜଣେ ଯୁବକ ଫୁଲ ଚାଷ କରି ନିଜକୁ ସ୍ୱାବଲମ୍ବି କରିବା ପାଇଁ ନିଜ ମନରେ ଦୃଢ ପରିକର ଅଛନ୍ତି। ବର୍ତମାନ ଜିଲ୍ଲାରେ ମାନସିକ ବିଶେଷଜ୍ଞ ପରାମର୍ଶ ପାଇଁ ୨ ଦିନ ଧାର୍ଯ୍ୟ ରଖାଯାଇଛି, ଯାହା ଦୂରଦୂରାନ୍ତରୁ ଆସୁଥିବା ଅସୁସ୍ଥ ବ୍ୟକ୍ତି ଓ ପରିବାର ପାଇଁ ଯଥେଷ୍ଟ ହୋଇପାରୁନି। ଏକ ସ୍ଥାୟୀ ମାନସିକ ଚିକିତ୍ସକ ନିଯୁକ୍ତି ପାଆନ୍ତେ ଓ ବିଭିନ୍ନ ବ୍ଲକରେ ପରାମର୍ଶ ସେବା ଦିଆଗଲେ ଅନେକ ଅସୁସ୍ଥ ବ୍ୟକ୍ତି ଓ ପରିବାର ସେବା ପାଇ ପାରିବେ। ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପରିବାରରେ ସମନ୍ୱୟ ରଖିବା ପାଇଁ ପରିବାରକୁ ନେଇ ୨୫ ଗୋଟି ପରିବାର ସହଯୋଗ ଦଳ ଗଠନ କରାଯାଇଛି, ନିୟମିତ ଔଷଧ ସେବନ, ସରକାରୀ ସେବା ଓ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ବିଷୟରେ ଆଲୋଚନା କରାଯାଉଛି। ଚିହ୍ନଟ ବ୍ୟକ୍ତି ମାନଙ୍କୁ ସାର୍ଟିଫିକେଟ ଦବା ଓ ଭତାରେ ସାମିଲ କରାଯାଉଛି। ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ୩୦ ଗୋଟି ପଂଚାୟତରୁ ୨୫ ଜଣ ଯୋଗ୍ୟ ହିତାଧିକାରୀକୁ ଭତ୍ତା ପାଇଛନ୍ତି। ମାନସିକ ଅସୁସ୍ଥ ପାଇଁ ଏକ ସାମୁହିକ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି।

### ବସୁଧା ପ୍ରକଳ୍ପରୁ ମିଳୁନି ପର୍ଯ୍ୟାପ୍ତ ଜଳ

## ପାନୀୟ ଜଳ ସମସ୍ୟାରେ ଚଷାଆଁରା ଗ୍ରାମବାସୀ

ତିଗିରିଆ : ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି। ବିଭିନ୍ନ ଜନବସତି ପାଖରେ ଥିବା ଜଳ ଉତ୍ସଗୁଡିକରୁ ଜଳସ୍ତର ହ୍ରାସ ପାଇଚାଲିଛି। ଏପରି ସ୍ଥଳେ ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅନ୍ତର୍ଗତ ଚଷାଆଁରା ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଦେଇଛି।

ଗ୍ରାମରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ରହିଥିଲେ ମଧ ପର୍ଯ୍ୟାପ୍ତ ଜଳ ମିଳୁନଥିବାରୁ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ଜଣାପଡିଛି। ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପର ଉତ୍ସ କୂପରୁ ଆବଶ୍ୟକ ପରିମାଣରେ ଜଳ ହେଉନଥିବାରୁ ଦୁଇ ଓଳି ବଦଳରେ ବର୍ଷ ତମାମ ମାତ୍ର ଗୋଟିଏ ଓଳି ଉପରବେଳା ଜଳ ଯୋଗାଣ ହୋଇଥାଏ। ତାହା ପୁଣି ୧୫-୨୦ ମିନିଟରୁ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ବୋଲି ଗ୍ରାମବାସୀଙ୍କ ଅଭିଯୋଗରୁ ଜଣା ପଡ଼ିଛି।

ଗ୍ରାମରେ ଲୋକ ସଂଖ୍ୟା ପ୍ରାୟ ୧ ହଜାର ହେବ। ପିଇବା ପାଇଁ ଲୋକେ ଏହି ପ୍ରକଳ୍ପ ଜଳ ଉପରେ ପୂର୍ଣ୍ଣ ନିର୍ଭରଶୀଳ । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଗ୍ରାମରେ ୪ ଟି ନଳକୂପ ରହିଥିଲେ ମଧ ତାହା ପିଇବା ଯୋଗ୍ୟ ନୁହେଁ। ଅତିଶୟ ଲୌହ ଗୁଣ୍ଡ ମିଶା ଜଳ ବାହାରୁଥିବା ଲୋକେ ତାହାକୁ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ବହୁଦିନ ପୂର୍ବରୁ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ନଳକୂପ ଗୁଡ଼ିକରେ ନାଲି ଗାର ଦେଇ ପିଇବା ପାଇଁ ବାରଣ କରାଯାଇଥିବା ଲୋକେ କହିଛନ୍ତି। ଗ୍ରାମଟି ଏକ ପାହାଡ ଉପରେ ରହିଥିବାରୁ ପ୍ରତିବର୍ଷ ଖରାଦିନେ ଏଠାକାର ବାସିନ୍ଦା ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଗ୍ରାମବାସୀଙ୍କ ଏହି ସମସ୍ୟାକୁ ଦୃଷ୍ଟିରେ ରଖି

## ଗାଁକୁ ନାହିଁ ରାସ୍ତା; ରାତିରେ ଜଙ୍ଗଲ ରାସ୍ତାରେ ୧୦ କିମି ବୋହିଲେ ଶିଶୁକନ୍ୟା ମୃତଦେହ



**ପାତ୍ରପୁର:** ଦୁର୍ଗମ ଅଞ୍ଚଳରେ ଗାଁକୁ ରାସ୍ତା ନାହିଁ। ମୃତ ଶିଶୁକନ୍ୟାକୁ ବୋହି ୧୦ କିଲୋମିଟର ଜଙ୍ଗଲ ପଥ ପାର କରି ଗାଁକୁ ନେଇ ଅନ୍ତିମ ସଂସ୍କାର କରିବା ଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଦୁର୍ଗମ ଆଙ୍କୁଲି ପଂଚାୟତରେ।

ଆଙ୍କୁଲି ପଂଚାୟତ ଏଲଗଲ ଗ୍ରାମର ଘନଶ୍ୟାମ କାର୍ଜିଙ୍କ ଦେଢ଼ ବର୍ଷର ଝିଅ ଅନିକାଙ୍କୁ ମଙ୍ଗଳବାର ଅପରାହ୍ନରେ ଚିକିତ୍ସା ପାଇଁ ପାତ୍ରପୁର ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଗୁରୁତର ଝିଅର ମୃତ୍ୟୁ ପରେ ତାକୁ ଶବବୁହା ଗାଡ଼ିରେ ପାହାଡ ତଳ ତାଡକା ସାହି ନେବା ପରେ ସେହିଠାରୁ ରାତିରେ ଜଙ୍ଗଲ ପଥରେ ଦଶ କିଲୋମଟର ବୋହି ନିଜ ଗାଁକୁ ନେଇଛନ୍ତି। ଗ୍ରାମରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଛି। ଘନଶ୍ୟାମ ତୁରୁବୁଡ଼ିଠାରେ କାମ କରୁଥିବା ବେଳେ ତାଙ୍କ ଝିଅକୁ ପ୍ରବଳ ଥଣ୍ଡା କାଶ ହେଉଥିଲା। ଏହାପରେ ସେ ଝିଅକୁ ଭ୍ରମରପୁର ଗ୍ରାମରେ ଜଣେ ଚିକିତ୍ସକଙ୍କୁ ଦେଖାଇଥିଲେ। ଶିଶୁର ସ୍ୱାସ୍ଥ୍ୟରେ ସୁଧାର ନ ଆସିବାରୁ ତାକୁ ଗୁରୁତର ଅବସ୍ଥାରେ ସୁରଙ୍ଗୀ ପରେ ପାତ୍ରପୁର ଡାକ୍ତରଖାନକୁ ଚିକିତ୍ସା ପାଇଁ ନେଇଥିଲେ। ତେବେ ଡାକ୍ତର ସେଠାରେ ଶିଶୁକୁ ମୃତ ଘୋଷଣା କରିଥିଲେ। ତାଙ୍କର ବିବାହର ୧୨ ବର୍ଷ ପରେ ଏହି ସନ୍ତାନ ଜନ୍ମ ହୋଇଥିଲା। ଏଲଗଲ ଗ୍ରାମଟି ଜଙ୍ଗଲ ଘେରା ମଧରେ ରହିଛି। ଗ୍ରାମର ତିନି ପାର୍ଶ୍ୱରେ ଜଙ୍ଗଲ ରହିଥିବା ବେଳେ ଗୋଟିଏ ପାର୍ଶ୍ୱରେ ବାଘଲଟି ଜଳଭଣ୍ଡାର ରହିଛି। ଲୋକଙ୍କୁ ଜଙ୍ଗଲ ପଥରେ ୯ କିଲୋମିଟର ନଚେତ ଜଳଭଣ୍ଡାର ପାର ହୋଇ ଯିବାକୁ ପଡୁଛି। ବିଭିନ୍ନ ସମୟରେ ରୋଗୀ ନେବା ବେଳେ ଜଳଭଣ୍ଡାର ମଧରେ ଜୀବନ ଯିବା ନଜିର ରହିଛି। ତିତଲି ବେଳେ ଏହି ଗ୍ରାମ ସହିତ ପାର୍ଶ୍ୱ ଗ୍ରାମମାନଙ୍କରେ ବ୍ୟାପକ କ୍ଷତି ହୋଇଥିଲା। ଏହାକୁ ଦେଖି ଅଞ୍ଚଳକୁ ପଦାଧିକାରୀମାନେ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହ ଲୋକଙ୍କୁ ଅନ୍ୟତ୍ର ଥାଇଥାନ ପାଇଁ ପଦକ୍ଷେପ ଆରମ୍ଭ କରିଥିଲେ। ଏହି ଗ୍ରାମ ସହିତ ଅନ୍ୟ ଗ୍ରାମର ଲୋକଙ୍କୁ ତୁରୁବୁଡ଼ି ମହେନ୍ଦ୍ର ଗଡ ରାସ୍ତାର ଝଗଡ଼ା ପଲ୍ଲୀ ନିକଟରେ ବସତି ପାଇଁ ସ୍ଥାନ ଚିହ୍ନଟ କରିଥିଲେ। ତେବେ ଏ ମଧରେ ଦିନ ଗଡୁଥିବା ବେଳେ ଥଇଥାନ କାର୍ଯ୍ୟ ଜମି ମାପଚୁପ ଓ ଲଟା ସଫାରେ ଅଟକିଛି। ତେଣୁ ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବୀ ହେଉଛି।

# ଜୀବନ ଜୀବିକାକୁ ନେଇ ସଂଘର୍ଷରତ ରିକ୍ସା ଚାଳକ

ସମ୍ବଲପୁର: ଏକଦା ରାଜକୀୟ ସବାରି ରୂପେ ପରିଚିତ, ଓଲିଓଡ ଓ ବଲିଉଡରେ ରିକ୍ସାକୁ ନେଇ ଗୀତ ଓ ଅନ୍ୟାନ୍ୟ ଚିତ୍ରର ଭିତ୍ତିଭୂମି ସାଜିଥିବା ସମସ୍ତଙ୍କ ପ୍ରିୟ ଥିବା ରିକ୍ସା ଓ ରିକ୍ସା ଚାଳକ ଏବେ ଜୀବନ ଜୀବିକାକୁ ନେଇ ସଂଘର୍ଷରତ ଅଟେ। ଆଜିର ଦ୍ରୁତ ପ୍ରତିଯୋଗିତାର ଦୁନିଆରେ ନିଜର ପରିବାର ତଥା ଜୀବନ ଜୀବିକା କୁ ବଞ୍ଚାଇବା ପାଇଁ ପ୍ରତିଦିନ ରିକ୍ସା ଚାଳକ ସଂଘର୍ଷରତ। ବର୍ତ୍ତମାନର ବ୍ୟସ୍ତ ବହୁଳ ଦୁନିଆରେ ସମସ୍ତଙ୍କୁ ନିଜ କାର୍ଯ୍ୟ ତୁରନ୍ତ ଓ ଶିଘ୍ର କରିବା ପାଇଁ ଇଚ୍ଛା। ଏଥି ପାଇଁ ଲୋକେ ନିଜ କାମ କରିବା ପାଇଁ ଯେଉଁ ଯାନବାହନ ବ୍ୟବହାର କରିଲେ ଶିଘ୍ର କାର୍ଯ୍ୟ ହେବ ସେଭଳି ଯାନବାହାନକୁ ପ୍ରାଥମିକତା ଦେଇ ଉପଯୋଗ କରୁଛନ୍ତି।

ପୂର୍ବରୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହର ମଧରେ ଯାତାୟାତ ପାଇଁ ରିକ୍ସା ପ୍ରଥମ ପସନ୍ଦ ସହିତ ପ୍ରମୁଖ ସାଧନ ଥିଲା। ଏହା ସୁବିଧା, ନିରାପଦ ଓ କମ ଖର୍ଚ୍ଚରେ ମିଳୁଥିବାରୁ ରିକ୍ସାରେ ଯାତ୍ରା ପାଇଁ ଲୋକେ ବେଶ ପସନ୍ଦ କରୁଥିଲେ। ଏଥି ପାଇଁ ଅନେକ ବ୍ୟକ୍ତି ବହୁ ଗୁଡିଏ ରିକ୍ସା ଆଣି ତାକୁ ଭଡା ସୂତ୍ରରେ ଦେଇ ରୋଜଗାରର ଜରିଆ ମଧ୍ୟ କରିଥିବାର ନଜୀର ରହିଛି। ତେବେ ସମୟର ସହିତ ଯୁଗ ବଦଳିବା ଦ୍ୱାରା ରିକ୍ସା ବ୍ୟବହାରର ଚାହିଦା ଦିନକୁ ଦିନ କ୍ଷିପ୍ର ଗତିରେ ନିମ୍ନଗାମୀ ହେବାରେ ଲାଗିଛି। ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ରୂପେ ପରିଚିତ ସମ୍ବଲପୁର ସହରରେ ଏକଦା ହଜାରରୁ ରିକ୍ସା ବ୍ୟବହାର ହେଉଥିବା ବେଳେ ଏବେ ଏହା ହାତଗଣତି ସଂଖ୍ୟାରେ ସୀମିତ ହୋଇ ରହି ଯାଇଛି। ପୂର୍ବରୁ ପଶ୍ଚିମ ଓଡ଼ିଶାର ଅନେକ ଜିଲାର ବ୍ୟକ୍ତି ମାନେ ଭଲ ରୋଜଗାର ଆଶାରେ ସମ୍ବଲପୁରକୁ ଆସି ରିକ୍ସା ଚଳାଇ ପରିବାର ଭରଣପୋଷଣ କରୁଥିଲେ। କିନ୍ତୁ ସମୟର ଗତି ତୁଳନାରେ ରିକ୍ସାର ଗତି ଧିମା ଥିବାରୁ ଏବେ ଲୋକେ ସହରରେ ଚାଲୁଥିବା ସିଟି ବସ ଓ ଅଟୋ ରିକ୍ସାକୁ ପ୍ରାଥମିକତା ଦେଉଛନ୍ତି। ଏଣୁ ଏହାର ପ୍ରତିକୂଳ ପ୍ରଭାବ ରିକ୍ସା ଓ ଚାଳକ ମାନଙ୍କ ଉପରେ ପଡୁଛି। ଏବେ ପୂର୍ବ ପରି ଆଉ ଲୋକେ ରିକ୍ସାରେ ଯାତାୟାତ ପାଇଁ ଆଗ୍ରହ କରୁ ନ ଥିବା ବେଳେ ରିକ୍ସା ଚାଳକ ମାନେ ଜଣେ ଗ୍ରାହକଙ୍କ ଆସିବା ବାଟକୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାହିଁ ବସୁଛନ୍ତି।



ଏ ସମ୍ପର୍କରେ ଦେବଗଡ଼ ଜିଲା ନିବାସୀ ରିକ୍ସା ଚାଳକ ସୁରୁ ନାୟକ କହିଛନ୍ତି ଯେ, ବିଗତ ପ୍ରାୟ ୩୫ ବର୍ଷ ହେବ ସେ ସମ୍ବଲପୁରକୁ ଆସି ରିକ୍ସା ଚାଳକ ପେଶାକୁ ଆଦରି ନେଇଛନ୍ତି। ପୂର୍ବରୁ ରିକ୍ସାରେ ଯାତାୟାତ ପାଇଁ ଲୋକଙ୍କ ମଧରେ ଆଗ୍ରହ ଥିବା ବେଳେ ଆଉ କେହି ଯାତାୟାତ ପାଇଁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ପୂର୍ବରୁ ସକାଳୁ ରାତ୍ରି ପର୍ଯ୍ୟନ୍ତ ଯାତ୍ରୀ ମିଳୁଥିବା ବେଳେ ଏବେ ସକାଳୁ ସଞ୍ଜ ଯାଏ, ୫ଟି ଯାତ୍ରୀ ମଧ ମିଳୁ ନାହାନ୍ତି। ବହୁ କଷ୍ଟରେ ଜୀବନ ଯାପନ କରିବାକୁ ବାଧ ହେଉଛୁ। ଏଣୁ ସରକାର ଆମର କିଛି ସାହାଯ୍ୟ କଲେ ବାକି ଥିବା ଜୀବନ ବଞ୍ଚିଯିବୁ ବୋଲି ରିକ୍ସା ଚାଳକ ସୁରୁ ନାୟକ କହିଛନ୍ତି। କୁମ୍ଭାରପଡ଼ା ନିବାସୀ ତଥା ପୂର୍ବରୁ ରିକ୍ସା ମେକାନିକ ଥିବା ଅବଦୁଲ ଗଫାର କହିଛନ୍ତି ଯେ, ପୂର୍ବରୁ ହଜାରରୁ ଅଧିକ ରିକ୍ସା ଥିବା ବେଳେ ସେଗୁଡିକର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ମୁଁ ମେକାନିକ ବୃତ୍ତିକୁ ଆଦରୀ ନେଇଥିଲି। ତେବେ ଅଟୋ ଓ ସିଟି ବସର ବ୍ୟାପକ ପ୍ରଚଳନ ପରେ ରିକ୍ସାର ଆଦର କମିଯିବାରୁ ବହୁ ରିକ୍ସା ଚାଳକ ଅନ୍ୟ ବୃତ୍ତିକୁ ସ୍ଥାନାନ୍ତରିତ ହୋଇଯିବାରୁ ସଂଖ୍ୟା ଧିରେ ଧିରେ ସହରରେ କମି ଯାଉଛି। ଏଣୁ ପରିବାର ପୋଷଣ କରିବାକୁ ମୁଁ ଏବେ ସାଇକେଲ ମେକାନିକ ଭାବରେ କାର୍ଯ୍ୟ କରୁଛି ବୋଲି ରିକ୍ସା ମେକାନିକ ଅବଦୁଲ ଗଫାର କହିଛନ୍ତି।

ପରିସ୍ଥିତି ଏପରି ହୋଇଛି ଯେ, ପରିବାର ଚଳାଇବା ଅସମ୍ଭାଳ ହୋଇ ପଡୁଥିବାରୁ ଧିରେ ଧିରେ ଶତାଧିକ ରିକ୍ସା ଚାଳକ ଓ ରିକ୍ସା ମରାମତି ମେକାନିକ ମାନେ ଏହି ପେସାରୁ ଦୂରେଇ ଯାଇ ଅନ୍ୟ ପେସାକୁ ଯାଇ ସାରିଲେଣି। ଅନ୍ୟ ପକ୍ଷରୁ ସରକାର ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତା କରୁ ଅନେକ ଯୋଜନା ଗୁଡିକ କାର୍ଯ୍ୟକାରୀ କରିଥିବା ବେଳେ ରିକ୍ସା ଚାଳକ ମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିପାରିଲେ ସେମାନଙ୍କର ମୁହଁରେ ହସ ଫୁଟିପାରନ୍ତା। ନଚେତ ବହୁ ଶିଘ୍ର ରିକ୍ସା ଇତିହାସର ଗର୍ଭରେ ଲୀନ ହୋଇଯିବ, ସେଥିରେ କୌଣସି ଦ୍ୱିମତ ନାହିଁ।

ରାଷ୍ଟ୍ରୀୟ ରୋଜଗାର ମେଳା

# ୭୧ ହଜାର ପାଇଲେ ନିଯୁକ୍ତି ପତ୍ର

ନୂଆଦିଲ୍ଲୀ: ରାଷ୍ଟ୍ରୀୟ ରୋଜଗାର ମେଳାରେ ଆଉ ୭୧ ଜଣଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ଜରିଆରେ ଏହି ମେଳାରେ ଭାଗ ନେଇ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ବିଭାଗରେ ସମସ୍ତଙ୍କୁ ନିଯୁକ୍ତି ମିଳିଛି। ଏହାପୂର୍ବରୁ ମଧ୍ୟ ରାଷ୍ଟ୍ରୀୟ ନିଯୁକ୍ତି ମେଳାରେ ଯୁବକଯୁବତୀମାନଙ୍କୁ ନିଯୁକ୍ତିପତ୍ର ବଣ୍ଟା ଯାଇଥିଲା। ରାଷ୍ଟ୍ରୀୟ ରୋଜଗାର ମେଳାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଷ୍ଟାର୍ଟଅପଗୁଡ଼ିକ ଯୋଗୁ ୪୦ ଲକ୍ଷରୁ ଅଧିକ ପ୍ରତ୍ୟେକ୍ଷ ଓ ପରୋକ୍ଷ ଚାକିରି ସୁଯୋଗ ସୃଷ୍ଟି ହୋଇଛି। ଯୁବଗୋଷ୍ଠୀଙ୍କ ପାଖରେ ଥିବା ପ୍ରତିଭାକୁ ଆଗକୁ ନେବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ରାଷ୍ଟ୍ରୀୟ ରୋଜଗାର ମେଳା ଦର୍ଶାଉଛି। ଏହି ମେଳା ଜରିଆରେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ସୁଯୋଗ ମିଳୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ମୋଦି ଆହୁରି କହିଛନ୍ତି ଯେ "ଭାରତରେ ଷ୍ଟାର୍ଟଅପ ସଂସ୍କୃତି ଏବେ ଅନେକ ସୁଯୋଗ ସୃଷ୍ଟି କରିଛି। ପୂରା ବିଶ୍ୱରେ ଭାରତର ଅର୍ଥନୀତି ସବୁଠାରୁ ଦ୍ରୁତଗତିରେ ଅଭିବୃଦ୍ଧି ହେଉଛି। ନୂଆ ଭାରତ ଆପଣାଇଥିବା ନୀତି ଓ ରଣନୀତି ନୂଆ ସୁଯୋଗ ଓ ନୂଆ ସମ୍ଭାବନା ସୃଷ୍ଟି କରିଛି।"





ବୈଶାଖୀ ଦିନ ଆଜି ୭୦ ହଜାରରୁ ଅଧିକ ଯୁବକଯୁବତୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଛନ୍ତି। ଏନଡିଏ ସରକାର ଓ ବିଜେପି ଶାସିତ ରାଜ୍ୟରେ ଯୁବଗୋଷ୍ଠୀଙ୍କୁ ସରକାରୀ ଚାକିରି ପ୍ରଦାନ କରିବା ପ୍ରକ୍ରିୟା ଦ୍ରୁତଗତିରେ ଆଗେଇ ଚାଲିଛି। ମଧ୍ୟପ୍ରଦେଶରେ ୨୨ ହଜାରରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି। ସମସ୍ତେ ନିଯୁକ୍ତିପତ୍ର ପାଇଛନ୍ତି ବୋଲି ମୋଦି କହିଛନ୍ତି। ପ୍ରତିରକ୍ଷା କ୍ଷେତ୍ରର ଅଭିବୃଦ୍ଧି ସମ୍ପର୍କରେ ମୋଦି କହିଛନ୍ତି, "ଭାରତ ଏବେ ୧୫ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରିଛି। ପୂର୍ବରୁ ଦେଶକୁ କେବଳ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ କରାଯାଉଥିଲା। ଆମେ ନିଜର ଉତ୍ପାଦନକାରୀ ସଂସ୍ଥା ଉପରେ ଭରସା କରୁନଥିଲେ। ହେଲେ ଆମ ସରକାର ସେହି ଆଭିମୁଖ୍ୟକୁ ବଦଳାଇ ପାରିଛନ୍ତି। ଆମ ସେନାବାହିନୀ ମେଡ୍ ଇନ ଇଣ୍ଡିଆର ୩୦୦ରୁ ଅଧିକ ସାମଗ୍ରୀ ଓ ଯୁଦ୍ଧାସ୍ତ୍ର ବ୍ୟବହାର କରୁଛନ୍ତି। ଭାରତ ବିଦେଶକୁ ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରୁଛି।"

ସେ ଆହୁରି କହିଛନ୍ତି, ୨୦୧୪ ଯାଏ ଦେଶରେ ୭୪ଟି ଏୟାରପୋର୍ଟ ଥିଲା। ହେଲେ ଏବେ ଏହି ସଂଖ୍ୟା ୧୪୮କୁ ବୃଦ୍ଧି ପାଇଛି। ଏୟାରପୋର୍ଟ ସଂଖ୍ୟା ବୃଦ୍ଧି ପାଇଥିବାରୁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।


## ନୂଆ ବୈଦେଶିକ ବାଣିଜ୍ୟ ନୀତି

ନୂଆଦିଲ୍ଲୀ: ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋଏଲ ନୂଆ ବୈଦେଶିକ ବାଣିଜ୍ୟ ନୀତି-୨୦୨୩ (ଏଫଟିପି) ଘୋଷଣା କରିଛନ୍ତି। ଏହି ନୀତି ଫଳରେ ବୈଶ୍ୱିକ ମାନ୍ଦାବସ୍ଥା ସତ୍ତ୍ୱେ ଦେଶର ରପ୍ତାନି ବୃଦ୍ଧି ପାଇବ। ଏଫଟିପି ଅନୁଯାୟୀ ୨୦୩୦ ମଧ୍ୟରେ ସରକାରଙ୍କ ଦ୍ରବ୍ୟ ଓ ସେବା ରପ୍ତାନି ୨ ଟ୍ରିଲିଅନ ଡଲାର ପର୍ଯ୍ୟନ୍ତ ପହଞ୍ଚି ଯିବ ବୋଲି ଅନୁମାନ କରାଯାଇଛି। 'ନୂଆ ବୈଦେଶିକ ବାଣିଜ୍ୟ ନୀତି-୨୦୨୩' ଲାଗୁ ହେବ। ଏହି ନୀତି ଅନୁଯାୟୀ ଟଙ୍କାରେ ବିଦେଶରେ ବ୍ୟବସାୟ କରିବା ସହଜ ହେବ ବୋଲି ଗୋଏଲ କହିଛନ୍ତି। ଆର୍ଥିକ ବର୍ଷ ୨୦୨୩ରେ ଭାରତର ସମୁଦାୟ ରପ୍ତାନି ୨୦୨୧-୨୨ରେ ୬୭୬ ବିଲିଅନ ଡଲାରକୁ ଅତିକ୍ରମ କରି ୭୬୦ ବିଲିଅନ ଡଲାରରେ ପହଞ୍ଚି ଯିବ ବୋଲି ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକ ସନ୍ତୋଷ ଷଡ଼ଙ୍ଗୀ କହିଛନ୍ତି। ନୂଆ ନୀତି ଅନୁଯାୟୀ ରପ୍ତାନି କ୍ଷେତ୍ରକୁ ଅଧିକ ପ୍ରାଧାନ୍ୟ ଯୋଗାଇ ଦିଆଯିବ। ଏହି ନୀତି 'ଇଜି ଅଫ ଡୁଇଙ୍ଗ୍ ବିଜ୍‌ନେଶ' ଉପରେ ଗୁରୁତ୍ୱ ଦେବ।



ଆବଶ୍ୟକ ହେଲେ ଏଫଟିପିକୁ ଅପଡେଟ କରାଯିବ। ଏହି ନୀତି ଗତିଶୀଳ ହେବ। ଏହି ନୀତି ଉପରେ ଫିଡ୍‌ବ୍ୟାକ୍ ଦେବା ପାଇଁ ଶେଷ ତାରିଖ ଘୋଷଣା କରାଯାଇ ନାହିଁ। ଏହି ନୂଆ ନୀତି ୨୦୨୮ ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ମହାନିର୍ଦ୍ଦେଶକ କହିଛନ୍ତି। ରପ୍ତାନୀକୁ ଅଗ୍ରାଧିକାର ଦେବା ପାଇଁ ସରକାର ଏହି ନୀତିକୁ ଆହୁରି ସରଳ କରିବେ ବୋଲି ଗୋଏଲ କହିଛନ୍ତି।

## ମହଙ୍ଗା ହେବ ଜାତୀୟ ରାଜପଥ ଯାତ୍ରା




ନୂଆଦିଲ୍ଲୀ: ଏକ୍ସପ୍ରେସ୍ ୱେ ଏବଂ ଜାତୀୟ ରାଜମାର୍ଗ (ଏନଏଚ)ରେ ଯାତାୟାତ ମହଙ୍ଗା ହେବ। (ଏନଏଚଏଆଇ) ୧ ଏପ୍ରିଲରୁ ଟୋଲ୍ ଟିକସ ବୃଦ୍ଧି କରିଛନ୍ତି। ଏବେ ବିଭିନ୍ନ ଶ୍ରେଣୀର ବାହନଙ୍କୁ ପୂର୍ବାପେକ୍ଷା ୫ରୁ ୧୫ ପ୍ରତିଶତ ଅଧିକ ଶୁଳ୍କ ଦେବାକୁ ପଡିବ। ସେହିପରି କମ ଦୂରତା ଲାଗି ୧୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଏନ୍‌ଏଚ୍ ଓ ଏକ୍ସପ୍ରେସ୍ ୱେରେ ଟୋଲ୍ ଶୁଳ୍କ ବୃଦ୍ଧି ନେଇ ପୂର୍ବରୁ ଅଧିସୂଚନା ଜାରି ହୋଇଥିଲା। ଏହି ଅଧିସୂଚନା ଅନୁସାରେ ଇଷ୍ଟର୍ଣ୍ଣ ପେରିଫେରାଲ ଏକ୍ସପ୍ରେସ ୱେରେ ଚାରିଚକିଆ ଯାନ ଲାଗି ଟୋଲ ଟିକସରେ ୫ରୁ ୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ସେହିପରି ମୁମ୍ବଇ ଏକ୍ସପ୍ରେସ୍ ୱେ ରେ ଶୁଳ୍କ ୫ ପ୍ରତିଶତ ପର୍ଯ୍ୟନ୍ତ ବଢିଛି। ମୁମ୍ବଇ-ପୁଣେ ଏକ୍ସପ୍ରେସ୍ ୱେରେ ମଧ୍ୟ ଟୋଲ ଟ୍ୟାକ୍ସ ବଢ଼ିଯିବ। କାର, ଜିପ୍ ଭଳି ଚାରିଚକିଆ ଯାନ ପାଇଁ ଏବେ ଅସୁଲ ହେଉଥିବା ୨୭୦ ଟଙ୍କାର ଟୋଲ୍ ଟିକସ ୩୨୦ ଟଙ୍କା ହୋଇଯିବ। ସେହିପରି ମିନିବସ୍ ଓ ଟେମ୍ପୋ ଭଳି ବାହନ ଏ ପର୍ଯ୍ୟନ୍ତ ଦେଉଥିବା ୪୨୦ ଟଙ୍କା ଶୁଳ୍କ ୪୯୫ଟଙ୍କା ହୋଇଯିବ। ଏହି ନୂଆ ଟୋଲ ଟ୍ୟାକ୍ସ ପୂର୍ବାଞ୍ଚଳ ଏକ୍ସପ୍ରେସ୍ ୱେ ସମେତ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେ, ଦିଲ୍ଲୀ-ମିରଟ ଏକ୍ସପ୍ରେସ୍ ୱେ, ଦିଲ୍ଲୀ-ହାପୁଡ ଏକ୍ସପ୍ରେସ୍ ୱେ, ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ୍ ୱେ, ବାରାଣସୀ-ଗୋରଖପୁର ହାଇୱେ, ଉନ୍ନାଓ-ଲକ୍ଷ୍ନୌ ଜାତୀୟ ରାଜପଥ ସମେତ ଦେଶର ସମସ୍ତ ଜାତୀୟ ରାଜମାର୍ଗରେ ଟୋଲ୍ ଟିକସ ମହଙ୍ଗା ହେବ। ଦେଶର ବିଭିନ୍ନ ଜାତୀୟ ରାଜମାର୍ଗରେ ବାହନ ଚାଳକଙ୍କୁ ପୃଥକ ପୃଥକ ଟୋଲ୍ ଶୁଳ୍କ ଦେବାକୁ ପଡିବ।

୯ ମାସରେ ଜମାକାରୀଙ୍କୁ ଅର୍ଥ ଫେରସ୍ତ

## ସାହାରା ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ରାୟ

ନୂଆଦିଲ୍ଲୀ : ସାହାରା ଗୋଷ୍ଠୀ (ଗ୍ରୁପ୍) ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ନଅ ମାସ ମଧ୍ୟରେ ଅର୍ଥ ଫେରସ୍ତ ଲାଗି ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ଏମ୍. ଆର୍. ଶାହ ଏବଂ ବିଚାରପତି ସି ଟି ରବିକୁମାରଙ୍କ ଖଣ୍ଡପୀଠ ଅନ୍ତରୀଣ ଆଦେଶନାମା ଜାରି କରିଛନ୍ତି। ଚିଟ୍‌ଫଣ୍ଡ ଜମାକାରୀଙ୍କ ଅର୍ଥ ଫେରସ୍ତ ଲାଗି ପିନାକ ପାଣି ମହାନ୍ତି ବନାମ କେନ୍ଦ୍ର ସରକାର ମାମଲାରେ ନ୍ୟାୟାଳୟ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ଆବେଦନକୁ ଗ୍ରହଣ କରି ସାହାରା-ସେବି ଫେରସ୍ତ ଖାତାରେ ପଡ଼ିରହିଥିବା ୨୪,୯୭୯.୬୭ କୋଟିରୁ ୫ ହଜାର କୋଟି ଟଙ୍କା ଜମାକାରୀଙ୍କୁ ଫେରସ୍ତ ଲାଗି ସମ୍ମତି ପ୍ରକାଶ କରିଛନ୍ତି। ଏଥିଲାଗି କେନ୍ଦ୍ରୀୟ ସମବାୟ ନିବନ୍ଧକଙ୍କ ଖାତାକୁ ୫ ହଜାର କୋଟି ଟଙ୍କା ସ୍ଥାନାନ୍ତର କରାଯିବ। ସ୍ୱଚ୍ଛ ଏବଂ ପାରଦର୍ଶୀ ପ୍ରକ୍ରିୟାରେ ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ପରେ ଅର୍ଥ ଫେରସ୍ତ ଆରମ୍ଭ ହେବ। ସର୍ବୋଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଆର୍.ସୁଭାଷ ରେଡ୍ଡୀଙ୍କୁ ଫେରସ୍ତ ପ୍ରକ୍ରିୟାର ତଦାରଖ ଦାୟିତ୍ୱ ନ୍ୟସ୍ତ ହୋଇଛି ଏବଂ ମାମଲାରେ ଅଦାଲତମିତ୍ର ଗୌରବ ଅଗ୍ରୱାଲ ସହାୟତା କରିବେ। କେନ୍ଦ୍ରୀୟ ସମବାୟ ନିବନ୍ଧକ ଉଭୟ ଅବସରପ୍ରାପ୍ତ ବିଚାରପତି ଆର ସୁଭାଷ ରେଡ୍ଡୀ ଏବଂ ଅଦାଲତମିତ୍ର ଗୌରବ ଅଗ୍ରୱାଲଙ୍କ ପରାମର୍ଶକ୍ରମେ ଫେରସ୍ତ ପ୍ରକ୍ରିୟା ଚୂଡ଼ାନ୍ତ କରିବାକୁ ନ୍ୟାୟାଳୟ ରାୟ ପ୍ରଦାନ କରିଛନ୍ତି। ଫେରସ୍ତ ପ୍ରକ୍ରିୟାରେ ସହାୟତା ଲାଗି ଅବସରପ୍ରାପ୍ତ ବିଚାରପତି ସୁଭାଷ ରେଡ୍ଡୀଙ୍କୁ ମାସିକ ୧୫ ଲକ୍ଷ ଏବଂ ଅଦାଲତମିତ୍ର ଗୌରବ ଅଗ୍ରୱାଲଙ୍କୁ ମାସିକ ୫ ଲକ୍ଷ ଟଙ୍କା ଭତ୍ତା ମିଳିବ। ଜମାକାରୀଙ୍କୁ ଅର୍ଥ ଫେରସ୍ତ ପରେ ବଳକା ରାଶି ପୁର୍ନବାର ସାହାରା-ସେବି ଫେରସ୍ତ ଖାତାକୁ ଯିବ ବୋଲି ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି।



## ରାଜସ୍ଥାନକୁ ମିଳିଲା ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍

ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ରାଜସ୍ଥାନକୁ ମିଳିଛି ପ୍ରଥମେ ବନ୍ଦେ ଭାରତ ଏକ୍ସପ୍ରେସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ପ୍ରଥମ ତଥା ଦେଶର ୧୫ତମ ବନ୍ଦେ ଭାରତ ଏକ୍ସପ୍ରେସକୁ ଭିଡିଓ କନଫରେନ୍ସିଂ ଦ୍ୱାରା ଶୁଭାରମ୍ଭ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମୋଦି କହିଛନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ ଭାରତ ପ୍ରଥମ, ସବୁବେଳେ ପ୍ରଥମ ଚିନ୍ତାଧାରାକୁ ଆଗକୁ ନେଇଛି। ବିକାଶ, ଆଧୁନିକରଣ, ଆତ୍ମନିର୍ଭର ଓ ସ୍ଥିରତା ଏବେ ଏକ ହୋଇଛି। ବନ୍ଦେ ଭାରତ ଏକ୍ସପ୍ରେସ ରାଜସ୍ଥାନର ପର୍ଯ୍ୟଟନ ଶିଳ୍ପକୁ ଆହୁରି ସୁଦୃଢ଼ କରିବ। ଗତ ୨ ମାସ ମଧ୍ୟରେ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ ଲଞ୍ଚ କରିବା ସୌଭାଗ୍ୟର ବିଷୟ। ବ୍ୟକ୍ତିଗତ ସ୍ୱାର୍ଥ ଓ ରାଜନୀତି ପୂର୍ବରୁ ସବୁବେଳେ ରେଳବାଇର ଆଧୁନିକରଣ ଉପରେ ପ୍ରଭାବ ପକାଉଥିଲା। ବିପୁଳ ମାତ୍ରାର ଦୁର୍ନୀତି ଯୋଗୁ ବିକାଶ ହୋଇ ପାରୁନଥିଲା। ଚୟନପ୍ରକ୍ରିୟା ନିରପେକ୍ଷ ରହିବା ଉଚିତ ବୋଲି ସେ କହିଛନ୍ତି। ବନ୍ଦେ ଭାରତ ଏକ୍ସପ୍ରେସ ଆଜି ଜୟପୁର ଓ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ମଧ୍ୟରେ ଯାତ୍ରା କରିଛି। ନୂଆ ବନ୍ଦେ ଭାରତ ଏକ୍ସପ୍ରେସର ନିୟମିତ ସେବା ଏପ୍ରିଲ ୧୩ରୁ ଆରମ୍ଭ ହେବ। ଟ୍ରେନଟି ଆଜମେରରୁ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ମଧ୍ୟରେ ଯାତ୍ରା କରିବ। ଏହି ସମୟରେ ଜୟପୁର, ଅଲୱର ଓ ଗୁରୁଗ୍ରାମରେ ରହିବ।

ଦିଲ୍ଲୀ ଓ ଆଜମେର ମଧ୍ୟରେ ଥିବା ଦୂରତାକୁ ଏହି ଦ୍ରୁତଗାମୀ ଟ୍ରେନ ୫.୧୫ ମିନିଟରେ ପୂରଣ କରିବ। ବର୍ତ୍ତମାନ ଚାଲୁଥିବା ଶତାବ୍ଦୀ ଟ୍ରେନ ତୁଳନାରେ ଏହା ୧ ଘଣ୍ଟା ସମୟ ବଞ୍ଚାଇବ।



## ଆନ୍ଧ୍ରରୁ ଆସି ଓଡ଼ିଶାରେ ସଫଳ ଲଙ୍କା ଚାଷୀ

ଗୁଣପୁର:ଚାଷ କାମ ଯାହାର କେଡ଼େ ସୁଖ ତାହାର। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଆନ୍ଧ୍ରରୁ ଆସିଥିବା ଜଣେ ଯୁବଚାଷୀ ପି.ଗଣେଶ। ଲଙ୍କା ଚାଷ କରି ସଫଳ ହୋଇ ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ରୋଜଗାରର ମାଧ୍ୟମ ପାଲଟିଛନ୍ତି ଏହି ଆନ୍ଧ୍ର ଚାଷୀ। ଏ ହେଉଛି ଓଡ଼ିଶା ମାଟିରେ ଆନ୍ଧ୍ର ଚାଷୀଙ୍କ ସଫଳତାର କାହାଣୀ। ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାର ଅଧିବାସୀଙ୍କ ଜୀବନଜୀବିକା କହିଲେ ଧାନ ଓ କପା ଚାଷ । ତେବେ ଏଠାକାର ଜଳବାୟୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଜଳବାୟୁ ସହ ପ୍ରାୟତଃ ସମାନ ରହୁଥିବାରୁ ସେଠାକାର ଚାଷୀ ନିଜର ଅନୁଭୂତି ପ୍ରୟୋଗ କରି ସଫଳ ହେଉଛନ୍ତି। ବିଭିନ୍ନ ପ୍ରକାର ଅଣପାରମ୍ପରିକ ପଦ୍ଧତିରେ ଚାଷ କରି ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରୁଛନ୍ତି।

ଜଳବାୟୁ ଅନୁସାରେ ଲଙ୍କା ଚାଷ କରି ସଫଳ ହେବା ସହ ଅନ୍ୟ ଚାଷୀଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲାରୁ ଆସିଥିବା ଯୁବ ଚାଷୀ ପି.ଗଣେଶ। ଗଣେଶ ଦୀର୍ଘବର୍ଷ ଧରି ଗୁଣପୁର ଓ ରାମାନାଗୁଡ଼ା ଅଞ୍ଚଳରେ କପା ଚାଷ କରି ଆସୁଛନ୍ତି। ଏଠାକାର ମାଟି ଓ ଜଳବାୟୁ ଲଙ୍କା ଚାଷ ପାଇଁ ଉତ୍କୃଷ୍ଟ ଥିବା ଜାଣିବା ପରେ ୫ବର୍ଷ ହେଲା ଲଙ୍କା ଚାଷ ଆରମ୍ଭ କରିଛନ୍ତି। ୫ଏକର ଜମିରେ ସେ ଆରମ୍ଭ କରିଛନ୍ତି ଲଙ୍କା ଚାଷ। ନିଜ ଅଞ୍ଚଳରୁ ବିହନ ଆଣି 'ଆରମୋର' ପ୍ରଜାତିର ଲଙ୍କା ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହୋଇଛନ୍ତି ।



ଗଣେଶ ଗୋଟିଏ ଏକର ଲଙ୍କା ଚାଷ ପାଇଁ ୮୦ ହଜାର ଟଙ୍କା ବିନିଯୋଗ କରୁଥିବାବେଳେ ଏକର ପିଛା ୨୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଲଙ୍କା ଉତ୍ପାଦନ କରିବାରେ ସମର୍ଥ ହୋଇପାରିଛନ୍ତି। ଉତ୍ପାଦିତ ଲଙ୍କାକୁ କ୍ୱିଣ୍ଟାଲ ପିଛା ୨୦ହଜାର ଟଙ୍କାରେ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି। ଏଠାରେ ବଜାରିକରଣ ସୁବିଧା ନ ଥିବାରୁ ବାଧ୍ୟ ହୋଇ ସେ ଆନ୍ଧ୍ର ଉପରେ ନିର୍ଭର କରୁଥିବା ପ୍ରକାଶ କରିଛନ୍ତି। ଅପରପକ୍ଷେ ଆନ୍ଧ୍ର ଚାଷୀଙ୍କ ଲଙ୍କା କ୍ଷେତରେ କାମ କରି ସ୍ଥାନୀୟ ଅଞ୍ଚଳର ଶ୍ରମିକ ଦୁଇ ପଇସା ରୋଜଗାର କରି ବେଶ ଖୁସି ଅନୁଭବ କରୁଛନ୍ତି। ବଜାରିକରଣ ସୁବିଧା ହେଲେ ଅଞ୍ଚଳର ଅନ୍ୟ ଚାଷୀମାନେ ମଧ୍ୟ ଲଙ୍କା ଚାଷ ପାଇଁ ଆଗ୍ରହ ପ୍ରକାଶ କରିବେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। କେବଳ ପାରମ୍ପରିକ ପଦ୍ଧତିରେ ନୁହେଁ, ଅଣ ପାରମ୍ପରିକ ପଦ୍ଧତିରେ ମଧ୍ୟ ବିଭିନ୍ନ ପ୍ରକାର ଚାଷ କରି ଜଣେ ସ୍ୱାବଲମ୍ବୀ ହୋଇପାରିବ ବୋଲି ପ୍ରମାଣ କରିଛନ୍ତି ଏହି ଯୁବ ଚାଷୀ। ବାସ୍ତବରେ ଏହି ଯୁବଚାଷୀଙ୍କ ପ୍ରୟାସ ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣାଦାୟକ ଅଟେ।

## ଦିଲ୍ଲୀରେ ବନ୍ଦ ହେବନି ବିଜୁଳି ସବସିଡି

ଦିନ ତମାମର ଛକାପଞ୍ଝା ପରେ ଦିଲ୍ଲୀ ଉପ ରାଜ୍ୟପାଳ ଭିକେ ସକ୍ସେନା ବିଜୁଳି ସବସିଡି ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ଅନୁମୋଦନ ଦେଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଦିଲ୍ଲୀର କ୍ଷମତାସୀନ ଆପ୍ ସରକାର ପୂର୍ବଭଳି ବିଜୁଳି ସବସିଡି ଦେବାକୁ ନିଷ୍ପତ୍ତି ନେବା ସହ ଉପ ରାଜ୍ୟ ରାଜ୍ୟପାଳ ସକ୍ସେନାଙ୍କ ପାଖକୁ ଫାଇଲ ପଠାଇଥିଲେ।

ଡେଡଲାଇନ ସରୁଥିବାରୁ ଅପରାହ୍ନ ସୁଦ୍ଧା ଫାଇଲ ଉପରେ ଉପ ରାଜ୍ୟପାଳ ମୋହର ମାରି ନଥିଲେ। ତେଣୁ ଲୋକମାନଙ୍କୁ ସବସିଡି ଆଉ ମିଳିବ ନାହିଁ ବୋଲି ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆତିଶି ଆଶଙ୍କା କରିଥିଲେ। ସେ ସାମ୍ବାଦିକ ସମ୍ମିଳନୀ କରି ସବସିଡି ବନ୍ଦ ହୋଇଯାଇ ପାରେ ବୋଲି କହିବା ସହ ଉପ ରାଜ୍ୟପାଳଙ୍କୁ ଟାର୍ଗେଟ କରିଥିଲେ। ଉପ ରାଜ୍ୟପାଳଙ୍କ ଅଫିସ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା।

ଏହାକୁ ନେଇ ଛକାପଞ୍ଝା ଚାଲିଥିବା ବେଳେ ଉପ ରାଜ୍ୟପାଳ ସକ୍ସେନା ଫାଇଲ ଉପରେ ମୋହର ମାରିଛନ୍ତି। ଏହାର ଅର୍ଥ ଦିଲ୍ଲୀର ପ୍ରାୟ ୪୬ ଲକ୍ଷ ଉପଭୋକ୍ତା ପୂର୍ବଭଳି ବିଜୁଳି ବିଲ୍ ଉପରେ ସବସିଡି ପାଇବେ।

ଦିଲ୍ଲୀର ଆପ୍ ସରକାର ୨୦୦ ୟୁନିଟ ଯାଏ ବିଜୁଳି ମାଗଣାରେ ଦେଉଛନ୍ତି। ୨୦୧ରୁ ୪୦୦ ୟୁନିଟ ଖର୍ଚ୍ଚ କରୁଥିବା ଲୋକଙ୍କୁ ସେମାନଙ୍କ ବିଲ ଉପରେ ୫୦%ର ସବସିଡି ମିଳୁଛି। ଗତବର୍ଷ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଥିଲେ ଯେ



ଯେଉଁମାନେ ଆବେଦନ କରିବେ ସେମାନଙ୍କୁ ସବସିଡି ମିଳିବ।

ଦିଲ୍ଲୀରେ ୫୮ ଲକ୍ଷ ଘରୋଇ ଉପଭୋକ୍ତା ଥିବା ବେଳେ ୪୬ ଲକ୍ଷ ଲୋକ ସବସିଡି ପାଇଁ ଆବେଦନ କରିଛନ୍ତି। ୨୦୨୩-୨୪ ବର୍ଷ ପାଇଁ ଆପ୍ ସରକାର ବିଜୁଳି ସବସିଡି ପାଇଁ ୩,୨୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

# ଦିନେ ଘରେ ପୋଛା ମାରୁଥିଲେ, ଏବେ କିଙ୍ଗ୍ ଖାନ୍‌ଙ୍କ କିଙ୍ଗ୍

**ନୂଆଦିଲ୍ଲୀ:** ବୟସ ମାତ୍ର ୨୫। ଉଚ୍ଚତା ମଧ୍ୟ ସେତେ ଅଧିକ ନୁହେଁ। କିନ୍ତୁ ସେ ନିଜର ଦକ୍ଷତା ବଳରେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଗୁଜରାଟ ଟାଇଟନ୍ସ ବିପକ୍ଷରେ ଅସମ୍ଭବକୁ ସମ୍ଭବ କରିଥିବା କୋଲକାତା ନାଇଟ ରାଇଡର୍ସର ବ୍ୟାଟର ରିଙ୍କୁ ସିଂହ ଏବେ ଚର୍ଚ୍ଚାରେ। କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଓ କେବେ ହେଲେ ହାର ମାନିବାକୁ ପ୍ରସ୍ତୁତ ହେଉ ନଥିବା ରିଙ୍କୁ ଶେଷରେ କମାଲ କରି ଦେଖାଇଛନ୍ତି।

ଯେଉଁଠି ବିଶ୍ୱର ବଡ଼ବଡ଼ ବ୍ୟାଟର ଓ ଖେଳାଳି ହାର ମାନି ନେଉଥିଲେ, ସେଠି ରିଙ୍କୁ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ସମସ୍ତଙ୍କ ହୃଦୟ ଜିତିଛନ୍ତି। କୋଲକାତାକୁ ମ୍ୟାଚ୍ ଜିତିବା ପାଇଁ ଶେଷ ୫ ବଲରେ ୨୮ ରନ ଦରକାର ଥିବା ବେଳେ ରିଙ୍କୁ କ୍ରମାଗତ ୫ଟି ଛକା ମାରି ସବୁ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରିଙ୍କୁ ସାମ୍ନା କରିଥିବା ଶେଷ ୭ ବଲରେ ୪୦ ରନ ହାସଲ କରି ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ସେ ଜୋଶ ଲିଟଲଙ୍କ ଶେଷ ୨ ବଲରେ ଗୋଟିଏ ଛକା ଓ ଗୋଟିଏ ଚୌକା ମାରିଥିଲେ। ଏହାପରେ ଶେଷ ଓଭର ପକାଉଥିବା ୟାଶ ଦୟାଲଙ୍କ ୫ ବଲରୁ ୫ଟି ଛକା ମାରି କୋଲକାତା ପାଇଁ ବିଜୟ ମୁଣ୍ଡି ମାରିଥିଲେ। ଶକ୍ତିଶାଳୀ ଗୁଜରାଟର କାମଚଳା ଅଧିନାୟକ ରଶିଦ ଖାନ ଚଳିତ ସିଜିନରେ ପ୍ରଥମ ହ୍ୟାଟ୍ରିକ୍ ନେଇ ଦଳର ବିଜୟକୁ ଏକ ପ୍ରକାରର ସୁନିଶ୍ଚିତ କରି ଦେଇଥିଲେ। ହେଲେ ଶେଷ ମୁହୂର୍ତ୍ତରେ ବାମହାତୀ ବ୍ୟାଟର ରିଙ୍କୁ ୨୦୫ ରନର ଟାର୍ଗେଟକୁ ବେଶ ଚମତ୍କାର ଓ ଆକ୍ରମଣାତ୍ମକ ଶଟ ଖେଳି କୋଲକାତାକୁ ଅପ୍ରତ୍ୟାଶିତ ବିଜୟ ଭେଟି ଦେଇଥିଲେ।

ଆଇପିଏଲ ଖେଳିବା ଓ ବିଶ୍ୱ ଦରବାରରେ ନିଜର ଛାପ ଛାଡ଼ିବା ରିଙ୍କୁଙ୍କ ପାଇଁ ଆଦୌ ସହଜ ନଥିଲା। କ୍ରିକେଟକୁ ନିଜର ପେଶା ଓ ନିଶା ଭାବେ ଗ୍ରହଣ କରିବା ରିଙ୍କୁ ପାଇଁ ଅତ୍ୟନ୍ତ କଷ୍ଟକର ଥିଲା। କୋଲକାତା ତାଙ୍କୁ ୫୫ ଲକ୍ଷ ଟଙ୍କାରେ କିଣିବା ପୂର୍ବରୁ ଜୀବନରେ ସେ କ୍ରିକେଟ ପାଇଁ ଅନେକ ସଂଘର୍ଷ କରିଥିଲେ। ଏକଦା ନିଜର ପେଟ ପୋଶିବା ପାଇଁ ସେ ଝାଡୁ ଓ ପୋଛା ମାରୁଥିଲେ। ପର ଘରେ କାମ କରି ଟଙ୍କା ରୋଜଗାର କରିବା ସହ ପରିବାରର ଋଣ ଶୁଝୁଥିଲେ। ରହିବା ପାଇଁ ତାଙ୍କ




ପରିବାର ପାଖରେ ଭଲ ଘରେ ଖଣ୍ଡେ ମଧ୍ୟ ନଥିଲା।

ଏହି ଇନିଂସ ପରେ ରିଙ୍କୁ ନିଜର ପୁରୁଣା କଥା ମନେପକାଇ ବେଶ ଭାବବିହ୍ୱଳ ମଧ୍ୟ ହୋଇଯାଇଥିଲେ। ଉତ୍ତର ପ୍ରଦେଶର ଆଲିଗଡ଼ରେ ଜନ୍ମ ଗ୍ରହଣ କରିଥିବା ରିଙ୍କୁଙ୍କ ବାପା ଘରଘର ବୁଲି ଏଲପିଜି ସିଲିଣ୍ଡର ଦେଇଥାଆନ୍ତି। ଏଥିସହ ଚାଷ କାମ ମଧ୍ୟ କରନ୍ତି। ୨୦୧୫-୧୬ରେ ରିଙ୍କୁ ଉତ୍ତର ପ୍ରଦେଶ ପାଇଁ ଅଣ୍ଡର ୧୯ ଖେଳୁଥିବା ବେଳେ ପରିବାର ଉପରେ ୫ ଲକ୍ଷ ଟଙ୍କାର ଋଣ ରହିଥିଲା।

ସେ ମ୍ୟାଚ୍ ଖେଳିବା ପାଇଁ ପାଉଥିବା ଭତ୍ତା ଟଙ୍କାକୁ ସଞ୍ଚୟ କରି ପରିବାର ଋଣ ଶୁଝିବା ଆରମ୍ଭ କରିଥିଲେ। ହେଲେ ଏହା ସମୁଦ୍ରକୁ ଶଙ୍ଖେ ହୋଇଥିବାରୁ ରିଙ୍କୁ ଘରୋଇ ସହାୟକ ବା ଚାକର ଭାବେ ପର ଘରେ କାମ କରିବା ଆରମ୍ଭ କରିଥିଲେ। ସେ ପର ଘରେ ଝାଡୁ ମାରିବା ସହ ପୋଛା ଲଗାଉଥିଲେ। ଏଥିରୁ ଯାହା ରୋଜଗାର ହେଉଥିଲା ପରିବାର ଲୋକଙ୍କୁ ଦେଉଥିଲେ।

ଅନେକ କଷ୍ଟ ଓ ସଂଘର୍ଷ କରି ରିଙ୍କୁ ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ ରାଇଡର୍ସର ଦୃଷ୍ଟି ଆକର୍ଷଣ କରିପାରିଥିଲେ। ପ୍ରଥମେ ଅତିରିକ୍ତ ଖେଳାଳି ଭାବେ ସ୍କ୍ୱାଡରେ ରହୁଥିବା ରିଙ୍କୁ ନେଟ୍ସରେ ପରିଶ୍ରମ କରି ଗତ ସିଜିନ ଠାରୁ ଦଳର ନିୟମିତ ସଦସ୍ୟ ହୋଇଛନ୍ତି। କୋଲକାତା ତାଙ୍କ ଉପରେ କରିଥିବା ଭରସା ମଧ୍ୟ ସେ ସମସ୍ତଙ୍କୁ ଦେଖାଇଛନ୍ତି।

ରିଙ୍କୁ କହିଛନ୍ତି, "ମୋ ବାପା ଅନେକ ସଂଘର୍ଷ କରିଛନ୍ତି। ମୁଁ ଗୋଟିଏ କୃଷକ ପରିବାରରୁ ଆସିଛି। ଗ୍ରାଉଣ୍ଡ ବାହାରକୁ ମୁଁ ଯେତେ ସବୁ ବଲ ମାରିଛି, ସେସବୁ ମୋ ପାଇଁ ବଳିଦାନ ଦେଇଥିବା ଲୋକଙ୍କୁ ଡେଡିକେଟ୍ କରୁଛି।"

କେକେଆର ଏକାଡେମୀ ଆରମ୍ଭରୁ ତାଲିମ ନେଉଥିବା ରିଙ୍କୁ ସହାୟକ କୋଚ୍ ଅଭିଷେକ ନାୟରଙ୍କ ସହ ମିଶି ନିଜ ଖେଳରେ ସୁଧାର ଆଣିବାକୁ ସକ୍ଷମ ହୋଇଛନ୍ତି। ଏହାର ଫଳ ତାଙ୍କୁ ରଣଜୀ ଟ୍ରଫିରେ ମଧ୍ୟ ମିଳିଥିଲା। ସେ ରଣଜୀ ଟ୍ରଫିରେ କମାଲ କରିବା ସହ ଆଇପିଏଲରେ ମଧ୍ୟ ନିଜର ଜଲୱା ଦେଖାଇଛନ୍ତି। ଗତବର୍ଷ ମଧ୍ୟ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷରେ ରିଙ୍କୁ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୧୫ ବଲରେ ୪୦ ରନର ଇନିଂସ ଖେଳିଥିଲେ। ଶେଷ ଓଭରକୁ ଦଳକୁ ଜିତିବା ପାଇଁ ୨୧ ରନ ଦରକାର ଥିଲେ ମଧ୍ୟ ରିଙ୍କୁ ଆଉଟ ହୋଇଯିବାରୁ କୋଲକାତା ମ୍ୟାଚ୍ ହାରି ଯାଇଥିଲା। ହେଲେ ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ସେ ନିଜ ଉପରେ ଭରସା ରଖିବା ସହ ୫ ବଲରେ ୫ ଛକା ମାରି କୋଲକାତାକୁ ଜିତାଇଛନ୍ତି।

ରିଙ୍କୁ ମ୍ୟାଚ୍ ପରେ କହିଛନ୍ତି, "ମୁଁ ନିଜ ଉପରେ ବିଶ୍ୱାସ ରଖିଥିଲି। ମୁଁ ନିଶ୍ଚିତ ମ୍ୟାଚ୍ ଶେଷ କରିବି ବୋଲି ପଣ କରିଥିଲି। ଗତବର୍ଷ ଲକ୍ଷ୍ନୌରେ ସମାନ ସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ କିନ୍ତୁ ମୁଁ ଫେଲ ମାରିଥିଲି। ଏଥର ମୁଁ ଅଧିକ କିଛି ଭାବି ନଥିଲି। କେବଳ ମ୍ୟାଚ୍ କେମିତି ଶେଷ କରିବି, ସେକଥା ଭାବିଥିଲି। ନିଜ ଉପରେ ରଖିଥିବା ବିଶ୍ୱାସ ଯୋଗୁ ମୁଁ ଗୋଟିଏ ପରେ ଗୋଟିଏ ଶଟ ମାରି ଚାଲିଥିଲି। ଶେଷ ବଲଟି ବ୍ୟାକ ଅପ ହ୍ୟାଣ୍ଡରୁ ଆସିଥିଲି। ମୁଁ ଏହାକୁ ବ୍ୟାକଫୁଟରେ ମାରି ଗ୍ରାଉଣ୍ଡ ବାହାରକୁ ପଠାଇ ଦେଇଥିଲି।" କେକେଆର ଅଧିନାୟକ ନୀତୀଶ ରାଣା ଓ କୋଚ ଚନ୍ଦ୍ରକାନ୍ତ ପଣ୍ଡିତ ମଧ୍ୟ ରିଙ୍କୁଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି।

## ଅଶ୍ୱିନଙ୍କ ମ୍ୟାଚ୍ ଫି' ୨୫% କଟିଲା, ସଞ୍ଜୁ ସାମସନଙ୍କୁ ୧୨ ଲକ୍ଷ ଫାଇନ୍

ରାଜସ୍ଥାନ ରୟାଲ୍ସର ଅଫ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନିଜର ବିଶୃଙ୍ଖଳିତ ଆଚରଣ ପାଇଁ ଦଣ୍ଡିତ ହୋଇଛନ୍ତି। ସେ ଆଇପିଏଲର କୋଡ ଅଫ କଣ୍ଡକ୍ଟ ଭାଙ୍ଗି ଥିବାରୁ ତାଙ୍କ ମ୍ୟାଚ୍ ଫି' ୨୫% କଟିଛି। ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ସେ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ମ୍ୟାଚ୍ ବେଳେ ଚେପକରେ ପ୍ରବଳ କାକର ପଡୁଥିଲା। ଏଥିପାଇଁ ଅମ୍ପାୟାର ବଲ ବଦଳାଇଥିଲେ। ଏହାକୁ ନେଇ ଅଶ୍ୱିନ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିଲେ। ତାଙ୍କର ଏପରି ଆଚରଣ ପାଇଁ ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଅଶ୍ୱିନ ଏ ସମ୍ପର୍କରେ ପରବର୍ତ୍ତୀ ଅବସ୍ଥାରେ କହିଥିଲେ ଯେ ବଲ ବଦଳାଇବା ପୂର୍ବରୁ ରାଜସ୍ଥାନ ରୟାଲ୍ସର ଖେଳାଳିଙ୍କ ସହ ଆଲୋଚନା ହୋଇ ନଥିଲା। ବଲ ବଦଳାଇବା ପାଇଁ ଗୋଟିଏ ନିୟମ କରିବା ଦରକାର ବୋଲି ଅଶ୍ୱିନ ମତ ରଖିଥିଲେ।

ଆଇପିଏଲ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ରାଜସ୍ଥାନ ରୟାଲ୍ସର ରବିଚନ୍ଦ୍ରନ ଅଶ୍ୱିନଙ୍କ ମ୍ୟାଚ୍ ଫି' ୨୫% କାଟ କରାଯାଇଛି। ସେ ୧୭ତମ ମ୍ୟାଚ୍‌ରେ ଆଇପିଏଲର କୋଡ ଅଫ କଣ୍ଡକ୍ଟ ଉଲ୍ଲଙ୍ଘନ କରିଛନ୍ତି। ଅଶ୍ୱିନ ଧାରା ୨.୭ର ଲେଭଲ ୧କୁ ଉଲ୍ଲଙ୍ଘନ କରିଥିବା ସ୍ୱୀକାର କରିଛନ୍ତି। ଏଥିପାଇଁ ମ୍ୟାଚ୍ ରେଫରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।"

ମ୍ୟାଚ୍‌ରେ ଅଶ୍ୱିନ ୪ ଓଭରରେ ୨୫ ରନ ଦେବା ସହ ୨ଟି ୱିକେଟ ନେଇଥିଲେ। ଏଥିସହ ବ୍ୟାଟିଂ ବେଳେ ସେ ୨୫ ବଲରେ ୩୦ ରନର ଇନିଂସ ଖେଳିଥିଲେ। ତାଙ୍କର ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ରାଜସ୍ଥାନ ୨୦୦୮ ପରେ ପ୍ରଥମଥର ଚେନ୍ନାଇକୁ ହରାଇବାକୁ ସକ୍ଷମ ହୋଇଥିଲା। ଅଶ୍ୱିନ ମଧ୍ୟ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ।

ଅନ୍ୟପକ୍ଷରେ ଧିମା ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନ ମଧ୍ୟ ଦଣ୍ଡିତ ହୋଇଛନ୍ତି। ତାଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଫାଇନ ଲାଗୁ କରାଯାଇଛି।

## ଗେଲ୍ ଓ ବିରାଟଙ୍କ ରେକର୍ଡ ଭାଙ୍ଗିଲେ କେଏଲ ରାହୁଲ

ଲକ୍ଷ୍ନୌ ସୁପର ଜାଏଣ୍ଟସର ଅଧିନାୟକ କେଏଲ ରାହୁଲ ଆଇପିଏଲରେ ନୂଆ ରେକର୍ଡ କରିଛନ୍ତି। ସେ ଦ୍ରୁତତମ ଖେଳାଳି ଭାବେ ଆଇପିଏଲରେ ୪ ହଜାର ରନ ପୂରଣ କରିଛନ୍ତି। ଏହି ଡାହାଣହାତୀ ବ୍ୟାଟର ଜଣଙ୍କ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମରେ ଖେଳା ଯାଉଥିବା ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ଏଥିସହ କ୍ରିସ ଗେଲଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି।

ଗେଲ ଆଇପିଏଲରେ ୧୧୨ଟି ଇନିଂସ ଖେଳି ୪ ହଜାର ରନ ପୂରଣ କରିଥିଲେ। ରାହୁଲ ୧୦୫ଟି ଇନିଂସରେ ୪ ହଜାର ରନର ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। କେବଳ ଗେଲ ନୁହନ୍ତି, ବିରାଟ କୋହଲିଙ୍କ ରେକର୍ଡ ମଧ୍ୟ ରାହୁଲ ଭାଙ୍ଗିଛନ୍ତି। ବିରାଟ ଦ୍ରୁତତମ ଭାରତୀୟ ଭାବେ ଆଇପିଏଲରେ ୪ ହଜାର ରନ ପୂରଣ



କରିଥିଲେ। ସେ ୧୨୮ଟି ଇନିଂସ ଖେଳି ୪ ହଜାର ରନ ପୂରଣ କରିଥିଲେ। ଏହାବାଦ ରାହୁଲ ଦ୍ୱିତୀୟ ଦ୍ରୁତତମ ବ୍ୟାଟର ଯିଏ ଅଧିନାୟକ ଭାବେ ଆଇପିଏଲରେ ୨ ହଜାର ରନ ପୂରଣ କରିଛନ୍ତି। ୪୭ଟି ଇନିଂସରେ ରାହୁଲ ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ତାଲିକାର ୧ନଂ ସ୍ଥାନରେ ଡାଭିଡ ୱାର୍ଣ୍ଣର ରହିଛନ୍ତି। ସେ ଅଧିନାୟକ ଭାବେ ୨ ହଜାର ରନର ମାଇଲଷ୍ଟୋନ ହାସଲ କରିବାକୁ ୪୬ଟି ଇନିଂସର ସହାୟତା ନେଇଥିଲେ। ତେବେ ରାହୁଲ ଏକମାତ୍ର ଆଇପିଏଲ ଅଧିନାୟକ ଯିଏ ୫୦ରୁ ଅଧିକ ହାରରେ ୨ ହଜାର ରନ ପୂରଣ କରିଛନ୍ତି।

ଆଇପିଏଲରେ କେଏଲ ରାହୁଲ ୧୪ତମ ବ୍ୟାଟର ଭାବେ ୪ ହଜାର ରନ ପୂରଣ କରିଛନ୍ତି। ଅନ୍ୟ ୧୩ ବ୍ୟାଟର ହେଲେ ବିରାଟ କୋହଲି, ଶିଖର ଧୱନ, ଡାଭିଡ ୱାର୍ଣ୍ଣର, ରୋହିତ ଶର୍ମା, ସୁରେଶ ରାଇନା, ଏବି ଡିଭିଲିୟର୍ସ, ମହେନ୍ଦ୍ର ସିଂହ ଧୋନି, କ୍ରିସ ଗେଲ, ରବିନ ଉଥାପ୍ପା, ଦୀନେଶ କାର୍ତ୍ତିକ, ଅମ୍ବାତି ରାୟୁଡୁ, ଗୌତମ ଗମ୍ଭୀର ଓ ଅଜିଙ୍କ୍ୟ ରାହାଣେ।

## ପ୍ରଥମ ଭାରତୀୟ ଭାବେ ଆଇପିଏଲରେ ବିରାଟଙ୍କ ରେକର୍ଡ

ଚଳିତ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦମଦାର ବିଜୟ ସହ ନିଜର ଅଭିଯାନ ଆରମ୍ଭ କରିଛି। ବିରାଟ କୋହଲି ଏହି ମ୍ୟାଚ୍‌ରେ ଚମତ୍କାର ଅର୍ଦ୍ଧଶତକ ହାସଲ କରିବା ସହ ବିଜୟର ଅନ୍ୟତମ କର୍ଣ୍ଣଧାର ସାଜିଛନ୍ତି। ସେ ୪୯ ବଲରେ ଅପରାଜିତ ୮୨ ରନର ଇନିଂସ ଖେଳି ଦଳକୁ ୨୨ ବଲ ପୂର୍ବରୁ ୮ ୱିକେଟରେ ବିଜୟ କରାଇଛନ୍ତି। ଏହି ଇନିଂସ ପରେ ବିରାଟ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଆଇପିଏଲରେ ୫୦ ଥର ପାଇଁ ୫୦ରୁ ଅଧିକ ରନ କରିବାର ରେକର୍ଡ କରିଛନ୍ତି। ବିରାଟ ପ୍ରଥମ ଭାରତୀୟ ଭାବେ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି। ତେବେ ଆଇପିଏଲରେ ସବୁଠାରୁ ଅଧିକ ଥର ୫୦ରୁ ଅଧିକ ରନ କରିଥିବା ତାଲିକାରେ ଡାଭିଡ ୱାର୍ଣ୍ଣର ୧ନଂ ସ୍ଥାନରେ ରହିଛନ୍ତି। ସେ ୬୦ ଥର ଏପରି କରିଥିବା ବେଳେ ୪୯ ଥର ୫୦ କିମ୍ବା ତା'ଠାରୁ ଅଧିକ ରନ କରି ପଞ୍ଜାବ କିଙ୍ଗସ ଅଧିନାୟକ ଶିଖର ଧୱନ ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି। କୋହଲି ବର୍ତ୍ତମାନ ସୁଦ୍ଧା ଆଇପିଏଲରେ ୪୫ଟି ଅର୍ଦ୍ଧଶତକ ଓ ୫ଟି ଶତକ ହାସଲ କରିଛନ୍ତି।

ମ୍ୟାଚ୍ କଥା ବିଚାରକୁ ନେଲେ ମୁମ୍ବାଇ ଇଣ୍ଡିଆନ୍ସ ଦେଇଥିବା ୧୭୨ ରନର ଟାର୍ଗେଟକୁ ଆରସିବି ବେଶ ସହଜରେ ହାସଲ କରି ନେଇଛି। ବିରାଟ ଓ ଫାଫ ଡୁପ୍ଲେସିସି ପ୍ରଥମ ୱିକେଟ ପାଇଁ ୧୪୮ ରନ ଯୋଡ଼ି ଦଳର ବିଜୟକୁ ଏକ ପ୍ରକାରର ନିଶ୍ଚିତ କରି ଦେଇଥିଲେ। ଡୁପ୍ଲେସିସି ୭୩ ରନ କରି ଆଉଟ ହୋଇଥିଲେ ହେଁ ବିରାଟ ଶେଷ ଯାଏ ଅପରାଜିତ ରହି ବିଜୟ ମୁଣ୍ଡି ମାରିଥିଲେ।

ବିରାଟ ନବାଗତ ଅର୍ଶଦ ଖାନଙ୍କୁ ଛକା ମାରି ମ୍ୟାଚ୍ ଶେଷ କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ କ୍ରମାଗତ ୧୧ଥର ପାଇଁ ତା'ର ପ୍ରଥମ ଆଇପିଏଲ ମ୍ୟାଚ୍ ହାରିବାର ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛି। ୨୦୨୨ ଭଳି ଏଥର ମଧ୍ୟ ଦଳ ପରାଜୟରୁ ନିଜର ଅଭିଯାନ ଆରମ୍ଭ କରିଛି।



ମ୍ୟାଚ୍ ଜିତିବା ପାଇଁ ମୁମ୍ବାଇ ଜାସନ ବେହେରନଡ୍ରଫଙ୍କୁ ଇମ୍ପାକ୍ଟ ଖେଳାଳି ରୂପେ ସୂର୍ଯ୍ୟ କୁମାର ଯାଦବଙ୍କ ବଦଳରେ ଆଣିଥିଲା। ତଥାପି ସେ କୌଣସି ପ୍ରକାରର ପ୍ରଭାବ ଦେଖାଇ ପାରି ନାହାନ୍ତି। ବେହେରନଡ୍ରଫ ଓ ଅର୍ଶଦ ଖାନ ମୁମ୍ବାଇର ବୋଲିଂ ଆଟାକ ଆରମ୍ଭ କରିଥିଲେ। କିନ୍ତୁ ଉଭୟ ୩ ଓଭରରେ ୩୦ ରନ ଦେଇଥିଲେ। ମୋଟ ୩ ଓଭର ବୋଲିଂ କରିଥିବା ବେହେରନଡ୍ରଫ ୩୭ ରନ ଦେଇଥିବା ବେଳେ କୌଣସି ସଫଳତା ପାଇ ନାହାନ୍ତି। ସେହିପରି ମୁମ୍ବାଇ ପାଇଁ ଚଳିତ ଆଇପିଏଲରେ ଡେବ୍ୟୁ କରିଥିବା ଜୋଫ୍ରା ଆର୍ଚର ମଧ୍ୟ ୱିକେଟ ନେବାକୁ ସଫଳ ହୋଇ ନାହାନ୍ତି। ଦଳ ପକ୍ଷରୁ କେବଳ ଅର୍ଶଦ ଖାନ ଓ କାମେରନ ଗ୍ରୀନ ଗୋଟିଏ ଲେଖାଏ ସଫଳତା ପାଇଥିଲେ।

## ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରତ୍ୟାଖ୍ୟାନ କରିଥିଲେ ସୁଚିତ୍ରା ସେନ୍

ବଙ୍ଗଳା ସହ ହିନ୍ଦୀ ଫିଲ୍ମରେ ବି ସେ ଛାଡ଼ି ଯାଇଛନ୍ତି ନିଜ ଅଭିନୟର ଛାପ। 'ଆନ୍ଧୀ', 'ଦେବଦାସ' ପରି ସୁପରହିଟ୍ ହିନ୍ଦୀ ଫିଲ୍ମରେ ଅଭିନୟ କରିଥିବା ଲାସ୍ୟମୟୀ ଅଭିନେତ୍ରୀ ସୁଚିତ୍ରା ସେନ ବଙ୍ଗଳା ଫିଲ୍ମରେ ବି ଥିଲେ ଆଗ ଧାଡ଼ିର ନାୟିକା। ବହୁ ସୁପରହିଟ୍ ସିନେମାର ନାୟିକା ସାଜିଥିବା ସୁଚିତ୍ରା ସେନ୍ କିନ୍ତୁ ନିଜ ନିଷ୍ପତ୍ତିରେ ସବୁବେଳେ ଅଟଳ ରହୁଥିଲେ। ଏଥିପାଇଁ ବହୁ ବଡ଼ ବଡ଼ ପ୍ରୋଜେକ୍ଟକୁ ସେ ହାତ ଛଡ଼ା କରିଥିବା ବେଳେ ଦାଦା ସାହେବ ଫାଲକେ ଆୱାର୍ଡ ନେବାକୁ ବି ମନା କରି ଦେଇଥିଲେ। ବହୁ ହୃଦୟରେ ଏବେ ବି ରାଜ କରୁଥିବା ସୁଚିତ୍ରା ସେନ ୧୯୩୧ ମସିହା ଏପ୍ରିଲ ୬ରେ ବାଂଲାଦେଶର ପବନା ଜିଲ୍ଲାରେ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ତାଙ୍କ ନାଁ ରୋମା ଦାସଗୁପ୍ତା ଥିଲା। ତାଙ୍କ ବାପା ଜଣେ ଶିକ୍ଷକ ଥିଲେ। ସୁଚିତ୍ରା ନିଜ ବାପାମା'ଙ୍କ ପଞ୍ଚମ ସନ୍ତାନ ଥିଲେ। ପିଲା ଦିନରୁ ଅଭିନୟ ପ୍ରତି ଆକୃଷ୍ଟ ଥିବା ସୁଚିତ୍ର ସେନ କିନ୍ତୁ ଏଥିପାଇଁ ସୁଯୋଗ ପାଇ ପାରି ନ ଥିଲେ। ମାତ୍ର ୧୫ ବର୍ଷ ବୟସରେ ସୁଚିତ୍ରାଙ୍କର କୋଲକତାର ଜଣେ ଧନୀ ବ୍ୟବସାୟୀ ଦିବାନାଥ ସେନଙ୍କ ସହ ବିବାହ ହୋଇଥିଲା।

ବିବାହ ପରେ ହିଁ ସେ ଅଭିନୟ ଜଗତରେ ପାଦ ଦେଇ ଲୋକଙ୍କ ହୃଦୟର ରାଣୀ ପାଲଟି ଯାଇଥିଲେ। ଅଭିନୟ ଦୁନିଆରେ ପାଦ ଦେବା ନିମନ୍ତେ ସୁଚିତ୍ରାଙ୍କୁ ତାଙ୍କ ସ୍ୱାମୀ ଏବଂ ଶ୍ୱଶୁର ହିଁ ସବୁଠୁ ଅଧିକ ଉତ୍ସାହିତ କରିଥିଲେ। ଉଭୟଙ୍କ ସମର୍ଥନ ପାଇ ସେ ଅଭିନୟ ଦୁନିଆରେ ପାଦ ଦେବାକୁ ଘରୁ ଗୋଡ଼ କାଢ଼ିଥିଲେ। ଏହାପରେ ଆଉ ସେ ପଛକୁ ଫେରି ଚାହିଁ ନାହାନ୍ତି।



'ଚୈତୌର' ନାମକ ଏକ ଚଳଚ୍ଚିତ୍ର ସହିତ ଅଭିନୟ ଜଗତରେ ଡେବ୍ୟୁ କରିଥିବା ସୁଚିତ୍ରା ଆଉ ପଛକୁ ଚାହିଁ ନଥିଲେ। ଏହି ଚଳଚ୍ଚିତ୍ରରେ ସେ ଅଭିନେତା ଉତ୍ତମ କୁମାରଙ୍କ ସହ ଅଭିନୟ କରିଥିଲେ। ଦର୍ଶକ ଏହି ଯୋଡିକୁ ଏତେ ପସନ୍ଦ କରିଥିଲେ ଯେ ପରେ ଦୁହେଁ ଅନେକ ଫିଲ୍ମରେ ଏକାଠି କାମ କରିଥିଲେ।

ସୁଚିତ୍ରା ନିଜ କ୍ୟାରିଅରରେ ୬୦ଟି ଫିଲ୍ମରେ ଅଭିନୟ କରିଥିବା ବେଳେ ସେଥିମଧ୍ୟରୁ ୩୦ଟି ଫିଲ୍ମରେ ସେ ଉତ୍ତମ କୁମାରଙ୍କ ଅପୋଜିଟରେ ନଜର ଆସିଥିଲେ। ସୁଚିତ୍ରା ଓ ଉତ୍ତମ କୁମାରଙ୍କ ଯୋଡ଼ିକୁ ବଙ୍ଗଳା ଫିଲ୍ମର ସବୁଠୁ ରୋମାଣ୍ଟିକ ଯୋଡ଼ି ଭାବେ ବିବେଚନା କରାଯାଏ। ସୁଚିତ୍ରା ହିଁ ବିମଳ ରାୟଙ୍କ ଫିଲ୍ମ ଦେବଦାସରେ ପାରୋ ଭୂମିକା ନିର୍ବାହ କରିଥିଲେ। ୧୯୭୫ ମସିହାରେ ରିଲିଜ ହୋଇଥିବା 'ଆନ୍ଧୀ' ଫିଲ୍ମରେ ସୁଚିତ୍ରାଙ୍କ ଅଭିନୟ ଦର୍ଶକଙ୍କ ମନ ଜିଣି ନେଇଥିଲା।

୧୯୬୩ ମସିହାରେ ମସ୍କୋ ଫିଲ୍ମ ଫେଷ୍ଟିଭାଲରେ ଫିଲ୍ମ 'ସାତ ପାକେ ବାନ୍ଧା' ତାଇଁ ତାଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର ମିଳିଥିଲା। ଏହି ଆୱାର୍ଡ ହାସଲ କରିବାରେ ସେ ପ୍ରଥମ ଭାରତୀୟ ଅଭିନେତ୍ରୀ ହୋଇ ପାରିଥିଲେ।

୧୯୮୦ ମସିହା ପରଠୁ ଗ୍ଲାମର ଦୁନିଆକୁ ବାଏ ବାଏ କହି ଦେଇଥିବା ସୁଚିତ୍ରା ସେନ୍ ସବୁବେଳେ ବାହାର ଦୁନିଆରୁ ଦୂରେଇ ରହୁଥିଲେ। ଏପରିକି ସେ ଆଉ କେବେ ବି ଲୋକଲୋଚନକୁ ଆସିବେନି ବୋଲି ଶପଥ ନେଇଥିଲ। ନିଜ ପ୍ରତିଜ୍ଞାରେ ସବୁବେଳେ ଅଟଳ ରହୁଥିବା ସୁଚିତ୍ରାଙ୍କୁ ଏଥିନିମନ୍ତେ ବହୁ ମୂଲ୍ୟ ଦେବାକୁ ପଡ଼ିଛି।

୨୦୦୫ ମସିହାରେ ତାଙ୍କୁ ପ୍ରତିଷ୍ଠିତ ଦାଦା ସାହେବ ଫାଲକେ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ସୁଚିତ୍ରା ସେନ୍ ଏହି ପୁରସ୍କାର ଗ୍ରହଣ କରିବାକୁ ମନା କରି ଦେଇଥିଲେ। କାରଣ ଏଥିନିମନ୍ତେ ତାଙ୍କୁ କୋଲକତାରୁ ଦିଲ୍ଲୀ ଯିବାକୁ ପଡ଼ିଥାନ୍ତା ଓ ଲୋକଲୋଚନକୁ ଆସିବାକୁ ପଡ଼ିଥାନ୍ତା। ଯାହାକି ତାଙ୍କୁ ପସନ୍ଦ ନ ଥିଲା।

ନିଜ ସିଦ୍ଧାନ୍ତରେ ସବୁବେଳେ ଅଟଳ ରହୁଥିବା ସୁଚିତ୍ରା କେବଳ ୬ଟି ହିନ୍ଦୀ ଫିଲ୍ମରେ କାମ କରିଛନ୍ତି। ବଡ଼ ବଡ଼ ନିର୍ଦ୍ଦେଶକ ନିଜ ଫିଲ୍ମରେ ତାଙ୍କୁ କାଷ୍ଟ କରିବାକୁ ଚାହୁଁଥିବା ବେଳେ ସେ କିନ୍ତୁ ନିଜ ଇଚ୍ଛା ଅନୁଯାୟୀ କାମ କରୁଥିଲେ। ନିଜ ପସନ୍ଦ ହେଲେ ହିଁ ସେ ସ୍କ୍ରିପ୍ଟକୁ ହଁ କରୁଥିଲେ। ସୁଚିତ୍ରା ସେନ ୨୦୧୪ ମସିହା ଜାନୁୟାରୀ ୧୭ରେ ୮୨ବର୍ଷ ବୟସରେ ହୃଦଘାତରେ ଆଖି ବୁଜିଥିଲେ।

ସୁଚିତ୍ରା ସେନ୍‌ଙ୍କ ଝିଅ ମୁନମୁନ ସେନ ପ୍ରସିଦ୍ଧ ବଙ୍ଗଳା ଅଭିନେତ୍ରୀ ହୋଇଥିବା ବେଳେ ତାଙ୍କ ଝିଅ ରିଆ ଓ ରାଇମା ସେନ ବି ଗ୍ଲାମର ଦୁନିଆରେ ବେଶ୍ ଆକ୍ଟିଭ।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty